## ସଂକ୍ଷେପରେ

### ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଗୁଣି ସନ୍ଦେହରେ ସମ୍ପର୍କୀୟଙ୍କୁ ହତ୍ୟା ମାମଲା**

ଯାଜପୁରରୋଡ୍, ୧୮(ପବିତ୍ର ମହାନ୍ତି):

ଯାଜପୁରରୋଡ୍ ଥାନା ଦାନଗଦି ବ୍ଲକ ଅନ୍ତର୍ଗତ ଗୋଡ଼ିଗୋଠ ଗ୍ରାମର ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡ ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସୋମବାର ଯାଜପୁରରୋଡ୍ ଏଡିଜେ କୋର୍ଟ ବିଚାରପତି ହୃଷୀକେଶ ଆଚାର୍ଯ୍ୟ ଉକ୍ତ ମାମଲାର ବିଚାର କରି ଅଭିଯୁକ୍ତ କାର୍ତ୍ତିକ କେରଇଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଗୁଣି ଗାରେଡ଼ି ସନ୍ଦେହରେ ୧୫ ଜୁଲାଇ ୨୦୨୦ରେ କାର୍ତ୍ତିକ ନିଜ ସମ୍ପର୍କୀୟ ନନ୍ଦିନୀ ପୂର୍ତ୍ତିଙ୍କ ମୁଣ୍ଡକୁ ଏକ ଧାରୁଆଅସ୍ତ୍ରରେ କାଟି ହତ୍ୟା କରିଥିଲେ। ପରେ କଟାମୁଣ୍ଡକୁ ଧରି ଦାନଗଦି ଫାଣ୍ଡିରେ ଆତ୍ମସମର୍ପଣ କରିଥିଲେ। ସେ ସମୟରେ ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଯାଜପୁରରୋଡ୍ ଥାନା ପୋଲିସ ମାମଲା ନଂ.୨୮୯/୨୦ରେ ଏକ ମାମଲା ରୁଜୁ କରିବା ସହ କାର୍ତ୍ତିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟ ଘଟଣାର ବିଚାର କରି ଅଭିଯୁକ୍ତ କାର୍ତ୍ତିକଙ୍କୁ ରଗଡ଼ି ଉପକାରାଗାରକୁ ପଠାଇ ଦେଇଥିଲେ। ମାମଲାଙ୍କୁ ମୁଦାଲାଙ୍କ ତରଫରୁ ଆଇନଜୀବୀ ମଙ୍ଗୁଳି ଚରଣ ସାହୁ ପରିଚାଳନା କରିଥିଲେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ଛତିଆ, ୧୮(ସୌମ୍ୟରଞ୍ଜନ ସାହୁ):

ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ବୈରୀ ଗ୍ରାମର ପ୍ରଭାତ ସାହୁଙ୍କ(୮୨) ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ବଡ଼ଚଣା ବ୍ଲକ୍‌ରେ ଶୋକର ଛାୟା ଖେଳିଯାଇଛି। ବଡ଼ଚଣା ରାଜନୀତି କ୍ଷେତ୍ରରେ ତାଙ୍କର ବେଶ ସୁନାମ ଥିଲା। ମୃତ୍ୟୁ ଖବର ପାଇ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଭାଜପା ନେତା ଅମର ନାୟକ, ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର ପ୍ରସାଦ ନାୟକଙ୍କ ସମେତ ବଡ଼ଚଣାର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ପୁତ୍ର ସୁଶାନ୍ତ ସାହୁ ମୁଖାଗ୍ନି ଦେଇଥିଲେ।

### ବୃଦ୍ଧଙ୍କ ମୃତଦେହ ଜବତ

କୁଳିଅଣା, ୧୮(ଗୋପୀନାଥ ବେହେରା)

ଚାନ୍ଦୁଆ ଥାନା ଅଧୀନ ନୁହାମାଳିଆ ଗ୍ରାମ ପଡ଼ିଆରୁ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ନ ଥିବା ବେଳେ ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୭/୨୩) ରୁଜୁ ହୋଇଛି।

# ଇଏସ୍‌ଆଇ ହସ୍ପିଟାଲ ପ୍ରତିଷ୍ଠା ଚିନ୍ତା

- ୧୫ ବର୍ଷ ହେଲା ମଞ୍ଜୁରୀ ମଳିଛି
- ଜମି ଚିହ୍ନଟ, ଅଗ୍ରଗତି ନୈରାଶ୍ୟଜନକ
- ଶ୍ରମିକଙ୍କ ସାମାଜିକ ସୁରକ୍ଷା ବିପନ୍ନ

ଯାଜପୁର, ୧୮(ହର୍ଷବର୍ଦ୍ଧନ ବେହେରା) :

କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ୧୦୦ ଶଯ୍ୟା ବିଶିଷ୍ଟ ଇଏସ୍‌ଆଇ ହସ୍ପିଟାଲ ପ୍ରତିଷ୍ଠା ପାଇଁ ୨୦୦୮-୦୯ରୁ ମଞ୍ଜୁରୀ ମିଳିଛି। ହେଲେ ଆଜକୁ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଜମି ଚିହ୍ନଟ ପ୍ରକ୍ରିୟାରେ ଏହା ସୀମିତ ରହିଛି। କଳିଙ୍ଗନଗର ଶିଳ୍ପାଞ୍ଚଳର ମାନତିରା ନିକଟରେ ୫ଏକର ଜମି ଚିହ୍ନଟ କରାଯାଇଥିବାବେଳେ ହସ୍ପିଟାଲ ଗୃହ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନୈରାଶ୍ୟଜନକ ସ୍ଥିତିରେ ରହିଛି।

କଳିଙ୍ଗନଗର ଶିଳ୍ପାଞ୍ଚଳର ବିଭିନ୍ନ କାରଖାନାରେ ପାଖାପାଖି ୧ ଲକ୍ଷ ଶ୍ରମିକ, କର୍ମଚାରୀ କାମ କରୁଛନ୍ତି । ଆଗାମୀ ଦିନରେ ଆହୁରି ଶିଳ୍ପ କାରଖାନା ପ୍ରତିଷ୍ଠା ହେଉଥିବାରୁ ସେହି ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଶିଳ୍ପାଞ୍ଚଳର କର୍ମଚାରୀମାନେ ଅନ୍ୟାନ୍ୟ ରାଜ୍ୟ ଓ ଜିଲାରୁ ଆସୁଥିବାରୁ ବିଭିନ୍ନ ପ୍ରକାର ରୋଗର ଶିକାର ହେଉଛନ୍ତି। କଳିଙ୍ଗନଗରଠାରେ ବହୁପୂର୍ବରୁ ପ୍ରତିଷ୍ଠା କରାଯାଇଥିବା ଇଏସ୍‌ଆଇ ଡିସ୍‌ପେନସରୀରେ ଶ୍ରମିକ ଓ କର୍ମଚାରୀମାନଙ୍କ ଚାହିଦାକୁ ପୂରଣ କରି ପାରୁନାହିଁ, ଯାହା କ୍ରମବର୍ଦ୍ଧିଷ୍ଣୁ ଶ୍ରମିକମାନଙ୍କୁ ଆବଶ୍ୟକ ସେବା ଯୋଗାଇ ଦେବାକୁ ଆଦୌ ସମର୍ଥ ହେଉନାହିଁ। ଜିଲା ପ୍ରଶାସନ ପକ୍ଷରୁ ପ୍ରାୟ ୨ ବର୍ଷ ହେବ ଦାନଗଦୀ ତହସିଲ ଅନ୍ତର୍ଗତ ମାନତିରାଠାରେ ୫ ଏକର ଜମି ଯୋଗାଇ ଦେଇଛନ୍ତି। ତେଣୁ କଳିଙ୍ଗନଗରଠାରେ ତୁରନ୍ତ ଶହେ ଶଯ୍ୟା ପରିବର୍ତ୍ତେ ୨୦୦ ଶଯ୍ୟା ବିଶିଷ୍ଟ ଇଏସ୍‌ଆଇ ହସ୍ପିଟାଲ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ




ଇଏସ୍‌ଆଇ ହସ୍ପିଟାଲ।

ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ କେନ୍ଦ୍ର ଶ୍ରମ ଏବଂ ନିୟୋଜନ ମନ୍ତ୍ରୀଙ୍କୁ ଏକ ପତ୍ର ଲେଖି ଅନୁରୋଧ କରିଥିଲେ। ସେହିପରି ୨୦୧୭-୧୮ ବର୍ଷରେ ଜିନ୍ଦଲ ଷ୍ଟେନଲେସ ଷ୍ଟିଲ କାରଖାନା ପକ୍ଷରୁ ଏକ ସୁପର ସ୍ପେଶିଆଲିଟି ମେଡିକାଲ ପ୍ରତିଷ୍ଠା କରିବାକୁ ଘୋଷଣା ହୋଇଥିଲା। କିନ୍ତୁ ଜିନ୍ଦଲ କମ୍ପାନୀ ଏହାର ପ୍ରତିଷ୍ଠା ଦିଗରେ ଦିନ ଗଡ଼ାଇ ଚାଲିଛି । କୋରେଇ ବ୍ଲକ ଛୋଟରାୟପୁରଠାରେ ଏକ ମେଡିକାଲ ପ୍ରତିଷ୍ଠା କରିବାକୁ ଜିନ୍ଦଲ ପକ୍ଷରୁ ଜମି ଚିହ୍ନଟ ହୋଇ ସାରିଛି । କିନ୍ତୁ ତାହା ବି କାର୍ଯ୍ୟକାରୀ ହୋଇ ପାରିନାହିଁ । ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ପାଣ୍ଠିରୁ ସୁକିନ୍ଦା ବ୍ଲକର କାଳିଆପାଣି ଏବଂ ଦାନଗଦୀ ବ୍ଲକର ଟମକା ନିକଟରେ ଦୁଇଟି ହସ୍ପିଟାଲ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଏହି ସବୁ ବିଷୟକୁ ଦୃଷ୍ଟିରେ ରଖି ଜିନ୍ଦଲ କମ୍ପାନୀର ମେଡିକାଲ ଏବଂ ଡିଏମ୍‌ଏଫ୍ ଦ୍ୱାରା ପ୍ରସ୍ତାବିତ ଦୁଇଟି ହସ୍ପିଟାଲ ପ୍ରତିଷ୍ଠା ହେଲେ ସୁକିନ୍ଦା ଏବଂ କଳିଙ୍ଗନଗରବାସୀ ଉପକୃତ ହୋଇ ପାରିବେ ବୋଲି ମତପ୍ରକାଶ ପାଇଛି।

ଇଏସ୍‌ଆଇ ହସ୍ପିଟାଲ ଶ୍ରମିକମାନଙ୍କ ପାଇଁ ଏକ କଲ୍ୟାଣକାରୀ ଯୋଜନା। ଏଥିରେ ବୀମାଭୁକ୍ତ ଶ୍ରମିକ, କର୍ମଚାରୀଙ୍କୁ ମେଡିକାଲ, ପୀଡ଼ିତ ଅବସ୍ଥା ସୁବିଧା, ମାତୃତ୍ୱକାଳୀନ ସୁବିଧା, ଅକର୍ମଣ୍ୟତା ସୁବିଧା, ଆଶ୍ରିତ ବ୍ୟକ୍ତି ସୁବିଧା, ବୃଦ୍ଧାବସ୍ଥା, ମେଡିକାଲ ସୁବିଧା ଯୋଜନା, ଧନ୍ଦାମୂଳକ ଥଇଥାନ ଯୋଜନା, ରାଜୀବ ଗାନ୍ଧୀ ଶ୍ରମିକ କଲ୍ୟାଣ ଯୋଜନା, ଅନ୍ତ୍ୟେଷ୍ଟିକ୍ରିୟା ଖର୍ଚ୍ଚ ଆଦି ଯୋଗାଇ ଦିଆଯାଉଛି । କିନ୍ତୁ ଶିଳ୍ପ ଓ ଖଣି ସମୃଦ୍ଧ ଯାଜପୁର ଜିଲାରେ ଗୋଟିଏ ବି ଇଏସ୍‌ଆଇ ହସ୍ପିଟାଲ ସ୍ଥାପନ ହୋଇ ପାରି ନ ଥିବାରୁ ଶ୍ରମିକଙ୍କ ସାମାଜିକ ସୁରକ୍ଷା ବିପନ୍ନ ହେଉଛି ବୋଲି ଶ୍ରମିକମାନେ ମତ ପ୍ରକାଶ କରିଛନ୍ତି। ଇଏସ୍‌ଆଇ ଆକ୍ଟ ୧୯୪୮ରେ ଲାଗୁ ହେବା ପରେ ଓଡ଼ିଶାରେ ଗତ ତା ୩୦।୧।୧୯୬୦ରୁ କାର୍ଯ୍ୟକାରୀ ହୋଇ ଆସୁଛି । ଏହି କଲ୍ୟାଣକାରୀ ସାମାଜିକ ସୁରକ୍ଷା ଯୋଜନା କେବଳ ବୀମାଭୁକ୍ତ ଶ୍ରମିକ କର୍ମଚାରୀ ଅବା ତାଙ୍କ ପରିବାରବର୍ଗଙ୍କୁ ଲାଭ ପହଞ୍ଚାଉଛି ତାହା ନୁହେଁ ବରଂ ଶ୍ରମିକ ନିୟୋଜନକାରୀ ଫ୍ୟାକ୍ଟ୍ରି, ସଂସ୍ଥାଗୁଡିକ ମଧ୍ୟ ଶ୍ରମିକ କ୍ଷତିପୂରଣ ଆଇନ ଓ ମାତୃତ୍ୱକାଳୀନ ସୁବିଧା ଆଇନରୁ ଛାଡ ପାଇବା ସହ ଆୟକର ରିହାତି ପାଇ ଲାଭବାନ ହେଉଛନ୍ତି । ବୀମା ବାବଦକୁ ଆଇନର ବ୍ୟବସ୍ଥାନୁଯାୟୀ ଶ୍ରମିକ କର୍ମଚାରୀ ତାଙ୍କ ମଜୁରୀର ୦.୭୫ପ୍ରତିଶତ ଏବଂ ନିଯୁକ୍ତିଦାତା ୩.୨୫ ପ୍ରତିଶତ ଅର୍ଥ ବୀମା ନିଗମ ଜରିଆରେ ସରକାରଙ୍କଠାରେ ପୈଠ କରି ସରକାରୀ ରାଜସ୍ୱ ଆୟ ବୃଦ୍ଧିରେ ସହାୟକ ହେଉଛନ୍ତି । ହେଲେ ଏଭଳି ଏକ କଲ୍ୟାଣକାରୀ ବୀମା ଯୋଜନାର କାର୍ଯ୍ୟକାରିତା କ୍ଷେତ୍ରରେ ଯାଜପୁର ଭଳି ଏକ ଶିଳ୍ପ ସମୃଦ୍ଧ ଜିଲାରେ ଅବହେଳା କରାଯିବାରୁ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷାକୁ ଗୋଟିଏ ପଟେ ବିପନ୍ନ କରାଯିବା ସହ ଅନ୍ୟପଟେ ସରକାର ମଧ୍ୟ ବିପୁଳ ରାଜସ୍ୱ ହରାଇବାରେ ଲାଗିଛନ୍ତି । ଏହି ବୀମା ଯୋଜନାର କାର୍ଯ୍ୟକାରିତା ପାଇଁ ନିଗମ ପକ୍ଷରୁ ନିଯୁକ୍ତ ଅଧିକାରୀମାନେ ଏହି ବ୍ୟତିକ୍ରମ ପାଇଁ ସମ୍ପୂର୍ଣ୍ଣ ଦାୟୀ ଥିବାବେଳେ ଶିଳ୍ପ କାରଖାନା ଓ ପ୍ରତିଷ୍ଠାନଗୁଡିକୁ ଏଥିରୁ ମୁକ୍ତି ଦେଇ ସମୟ ଗଡାଇ ଚାଲିବା ରହସ୍ୟଜନକ ବୋଲି ମତପ୍ରକାଶ ପାଇଛି। ଯାଜପୁର ଜିଲାରେ ଫେରୋକ୍ରୋମ, ପଙ୍କପାଳ ଓ ଧାନମଣ୍ଡଳଠାରେ ଗୋଟିଏ ଲେଖାଏଁ ଇଏସ୍‌ଆଇ ଡିସପେନସରୀ ରହିଛି । ହେଲେ ଏଠାରେ ଆବଶ୍ୟକ ଡାକ୍ତର ଅଭାବରୁ ଶ୍ରମିକମାନେ ଉପଯୁକ୍ତ ଚିକିତ୍ସା ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି ।

# ଭିଜିଲାନ୍ସ ହାତରୁ ଖସିଗଲେ ଥାନା ଅଧିକାରୀ

କଳିଙ୍ଗନଗର, ୧୮
(ଶୁଭାଶିଷ ରାଉତ):

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ମଙ୍ଗଳବାର ରାତି ପ୍ରାୟ ୯ଟା ସମୟରେ ଭିଜିଲାନ୍ସ ଧରିବା ପୂର୍ବରୁ ଜଣେ ଥାନା ଅଧିକାରୀ ଥାନାର ପଛପଟ ରାସ୍ତା ଦେଇ ଫେରାର ହୋଇଯାଇଥିବା ସୂଚନା ମିଳିଛି। ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ସେହି ଅଞ୍ଚଳର ଜଣେ ବ୍ୟକ୍ତିଙ୍କଠାରୁ କୌଣସି ଏକ ମାମଲାକୁ ଚାପି ଦେବାକୁ ଥାନାଧିକାରୀ ୧୨ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏନେଇ ବ୍ୟକ୍ତି ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଭିଜିଲାନ୍ସ ପକ୍ଷରୁ କେମିକାଲ ପ୍ରଲେପ ନୋଟ୍ ସେହି ବ୍ୟକ୍ତିଙ୍କୁ ଦିଆଯାଇଥିଲା। ଏହାପରେ ବ୍ୟକ୍ତି ଜଣକ ରାତିରେ ଟଙ୍କା ନେଇ ଥାନା ଅଧିକାରୀଙ୍କୁ ଦେଇଥିଲେ। ନିକଟରେ ଛପି ରହିଥିବା ଭିଜିଲାନ୍ସ ଟିମ୍ କେମିକାଲ ପ୍ରଲୋପ ଦିଆ ନୋଟକୁ ଜବତ କରିବା ପୂର୍ବରୁ ଥାନା ଅଧିକାରୀ କୌଣସି ମତେ ଖବର ପାଇ ସେଠାରୁ ଫେରାର ହୋଇଯାଇଥିଲେ। ଭିଜିଲାନ୍ସ ବିଭାଗୀୟ ଅଧିକାରୀମାନେ ତାଙ୍କୁ ଖୋଜାଖୋଜି କରିଥିଲେ ହେଁ ପାଇ ନ ଥିଲେ। ଭିଜିଲାନ୍ସ ବିଭାଗର ଏଭଳି ଖାମଖିଆଲି ପଦକ୍ଷେପକୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା ଚର୍ଚ୍ଚା ଜୋର ଧରିଛି । ଏ ସଂକ୍ରାନ୍ତରେ ଭିଜିଲାନ୍ସ ଡିଏସ୍‌ପି ସୁଶିଲ ଏକ୍କାଙ୍କ ପ୍ରତିକ୍ରିୟା ନେବା ପାଇଁ ତାଙ୍କ ମୋବାଇଲକୁ ବାରମ୍ବାର ଫୋନ୍ କରାଯାଇଥିଲା । ହେଲେ ସେ ଫୋନ୍ କଲ ଗ୍ରହଣ କରି ନ ଥିଲେ ।

# ଯାଞ୍ଚବେଳେ ଚୋରି ବାଇକ୍ ଜବତ, ଯୁବକ ଗିରଫ

ଯାଜପୁରରୋଡ୍, ୧୮(ପବିତ୍ର ମହାନ୍ତି):



ଗିରଫ ଯୁବକ ରଞ୍ଜନ ବେହେରା।

ଯାଜପୁରରୋଡ୍ ଥାନା ପୋଲିସ ଗାଡ଼ି ଯାଞ୍ଚ କରିବାବେଳେ ଏକ ଚୋରା ବାଇକ୍ ଜବତ କରିଛି। ଏଥିସହିତ ଘଟଣାରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ କଳିଙ୍ଗନଗର ଥାନା ଅନ୍ତର୍ଗତ ଡୁବୁରୀ ଗ୍ରାମର ରଞ୍ଜନ ବେହେରା (୨୬)। ଜବତ ଗାଡ଼ିଟି ବଜାଜ ପଲସର-୨୦୦ (ନଂ.ଓଡି-୦୨-ଏଜେଡ୍-୫୩୩୧) ବୋଲି ଜଣାପଡ଼ିଛି।

ଥାନା ପକ୍ଷରୁ ଫାୟାର ଷ୍ଟେଶନ ଗୋଲେଇ ଛକ ନିକଟରେ ରବିବାର ୨ ଚକିଆ ଯାନ ଯାଞ୍ଚ ଚାଲିଥିଲା। ଏହି ସମୟରେ ପୋଲିସ ଜଣେ ବାଇକ୍ ଚାଳକଙ୍କୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ବାଇକ୍ ଚାଳକ ଗାଡ଼ିର କାଗଜପତ୍ର ଦେଖାଇ ପାରି ନ ଥିଲେ। ସନ୍ଦେହହେବାରୁ ପୋଲିସ ସମ୍ପୃକ୍ତ ଯୁବକ ଓ ଗାଡ଼ିକୁ ଥାନାକୁ ନେଇ ରେଜିଷ୍ଟ୍ରେଶନ ନମ୍ବର ଯାଞ୍ଚ କରିଥିଲା। ଏହାପରେ ଉକ୍ତ ଗାଡ଼ିଟି ନୟାଗଡ଼ ଜିଲା ରଣପୁର ଥାନା ଅନ୍ତର୍ଗତ ରାଜସୁନାଖଳାର ବିଜୟ କୁମାର ବେହେରାଙ୍କର ବୋଲି ଜଣାପଡ଼ିଥିଲା। ଗାଡ଼ିଟି ଚୋରି ହୋଇଥିବା ପୋଲିସ ଜାଣିବାକୁ ପାଇଥିଲା। ଏନେଇ ଥାନାରେ ନଂ.୩୪୦/୨୩ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଗୋକର୍ଣ୍ଣିକା କଲେଜ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ




ଗୋକର୍ଣ୍ଣିକା ଜୁନିୟର କଲେଜ ପକ୍ଷରୁ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଉଛି।

ଧର୍ମଶାଳା, ୧୮(ବଟକୃଷ୍ଣ ପରିଡ଼ା):

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଜୁନିୟର କଲେଜଗୁଡ଼ିକରେ ମଙ୍ଗଳବାରଠାରୁ ପାଠପଢ଼ା ଆରମ୍ଭ ହୋଇଛି। ଏହିକ୍ରମରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାସ୍ଥିତ ଗୋକର୍ଣ୍ଣିକା ଜୁନିୟର କଲେଜର ପ୍ରଥମ ବର୍ଷ ବିଜ୍ଞାନ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ କଲେଜ ପକ୍ଷରୁ ସ୍ୱାଗତ ଜଣାଯାଇଛି। କଲେଜ ସମ୍ପାଦକ ମଦନ ମୋହନ ନାୟକଙ୍କ ଅଧ୍ୟକ୍ଷତାରେ ଏହି ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍ତମ୍ଭକାର ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ଅତିଥିଭାବେ ମହମ୍ମଦ ଆଲ୍ଲାଉଦ୍ଦିନ, ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷ ତାପସ ରଞ୍ଜନ ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ, ସମୟାନୁବର୍ତ୍ତୀ ଓ ଅଧ୍ୟବସାୟୀ ହୋଇ ଜୀବନର ମହତ ଲକ୍ଷ୍ୟ ପୂରଣ ନିମନ୍ତେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ମନୋଜ କୁମାର କବି, ଅଧାପକ ବିଶ୍ୱଜିତ ଗୁଈଁ, ରବୀନ୍ଦ୍ର କୁମାର ନାୟକ, ସମ୍ବିତ କୁମାର ପଣ୍ଡା ଓ ଅତୁଲ୍ୟ କୁମାର ରଥ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇଥିଲେ। ଛାତ୍ରୀଛାତ୍ର ନିଜର ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ସ୍ୱାଗତ ଜଣାଇଥିଲେ। ଶେଷରେ ଗୀତିପୁଷ୍ପା ଦାଶ ଧନ୍ୟବାଦ ଦେଇଥିଲେ।

# ୫୭ ପେପରଲେସ୍ କୋର୍ଟ ଉଦ୍‌ଘାଟିତ

**କଟକ, ପୁରୀ, ଯାଜପୁର ଓ ଭୁବନେଶ୍ୱରରେ ନୂଆ ୪ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ**

କଟକ, ୧୮ (କାର୍ତ୍ତିକ ସାହୁ)- ଓଡ଼ିଶା ହାଇକୋର୍ଟ ପକ୍ଷରୁ ତୃତୀୟ ପର୍ଯ୍ୟାୟରେ ମଙ୍ଗଳବାର ଆଉ ୫୭ଟି ପେପରଲେସ୍ କୋର୍ଟ ଉଦ୍‌ଘାଟିତ ହୋଇଛି। ଏଥିସହ ପୋକ୍ସୋ ଓ ବଳାତ୍କାର ମାମଲାର ବିଚାର ପାଇଁ କଟକ, ପୁରୀ, ଯାଜପୁର ଓ ଭୁବନେଶ୍ୱରରେ ଗୋଟିଏ ଲେଖାଏ ନୂଆ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ ମଧ୍ୟ ଉଦ୍‌ଘାଟିତ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଭର୍ଚୁଆଲ ମୋଡ୍‌ରେ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଜିଲା ଭାବେ ଗଞ୍ଜାମ ଜିଲା ମୁଖ୍ୟାଳୟରେ ସମସ୍ତ କୋର୍ଟ ପେପରଲେସ୍ ହୋଇଥିବାବେଳେ ଖୋର୍ଦ୍ଧା ଜିଲା ଦ୍ୱିତୀୟ ସ୍ଥାନରେ ରହିଥିବା ମୁଖ୍ୟ ବିଚାରପତି ସୂଚନା ଦେଇଛନ୍ତି। ହାଇକୋର୍ଟର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଣ୍ଡ୍ ଇନ୍‌ଫର୍ମେଶନ ଟେକ୍ନୋଲୋଜି କମିଟି ଅଧ୍ୟକ୍ଷ ଜଷ୍ଟିସ୍ ଶୁଭାଶିଷ ତାଳପତ୍ର, ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ସମେତ ଖୋର୍ଦ୍ଧା, ପୁରୀ ଜଜ୍‌ଶିପ୍‌ରେ ବିଚାରପତିମାନେ ଉପସ୍ଥିତ ଥିଲେ। ଜିଲା ଜଜ୍ ଓ ବିଚାର ବିଭାଗୀୟ ଅଧିକାରୀମାନେ ଭର୍ଚୁଆଲ ମୋଡ୍‌ରେ ଯୋଗଦେଇଥିଲେ।

# ଅସହାୟଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବଣ୍ଟନ




ଯାଜପୁର ଇନରହ୍ୱିଲ କ୍ଲବ ପକ୍ଷରୁ ଅସହାୟ ମହିଳାଙ୍କୁ ବିଭିନ୍ନ ସାମଗ୍ରୀ ଦିଆଯାଉଛି।

ଯାଜପୁର ଟାଉନ, ୧୮
(ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଇନରହ୍ୱିଲ କ୍ଲବର ନୂତନ କର୍ମକର୍ତ୍ତାଙ୍କ ନେତୃତ୍ୱରେ ବିଭିନ୍ନବସ୍ତିରେ ଅଭାବୀ ଓ ଅସହାୟ ଲୋକମାନଙ୍କୁ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ତଥା ପୋଷାକ ଏବଂ ମଶାରୀ ଆଦି ବଣ୍ଟନ କରାଯାଇଛି। ଶୁଖିଲାଖାଦ୍ୟ ଗୁଡ଼ିକୁ କ୍ଲବ୍ ସଭାପତି ପ୍ରେମଲତା ପଣ୍ଡାଙ୍କ ତତ୍ତ୍ୱାବଧାନ କ୍ରମେ ବରିଷ୍ଠ ସଭ୍ୟାମାନେ ଯାଇ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ଦଶରଥପୁର ବ୍ଲକ ଅନ୍ତର୍ଗତ ମଲ୍ଲିକାପୁର ଗ୍ରାମର ସ୍ଥାନୀୟ ପାଠାଗାର ପରିସରରେ ସଭାପତି ପଣ୍ଡା, ବରିଷ୍ଠ ସଭ୍ୟା ସୁରୁଚି ପାଣି, ଆଶାଲତା ପତି, ତୁଷାରକାନ୍ତି ନାୟକ, ତିଳୋତମା ଦାଶ, ସ୍ୱର୍ଣ୍ଣଲତା ଷଡ଼ଙ୍ଗୀ, ଯାଜ୍ଞସେନୀ ମହାନ୍ତି ଓ ମୌସୁମୀ ପାଣି ପ୍ରମୁଖ ସଞ୍ଚାଳନ କରିଥିଲେ। ପାଠାଗାରର କର୍ମକର୍ତ୍ତା ଆଶୁତୋଷ ପାଣିଗ୍ରାହୀ, ସୁରଥ ପାଣି, ସଞ୍ଜୀବ ବେହେରା, ସୁଶାନ୍ତ ପଣ୍ଡା, ଜୟନ୍ତ ପଣ୍ଡା, କିଶୋର ଜେନା, ଚନ୍ଦନ ପତି, ମଦନ ମୋହନ ପାଣି, ଚନ୍ଦ୍ରମଣୀ ଶତପଥୀ, ସୌମ୍ୟା ପତି, ଦିଲୀପ ପତି ଓ ଦେବୀ ପ୍ରସାଦ ପତି ପ୍ରମୁଖ ସହଯୋଗ କରିଥିଲେ। କ୍ଲବ ପକ୍ଷରୁ ଖୁବ୍‌ଶୀଘ୍ର ଚାରାରୋପଣ, ପରିବେଶ ସଚେତନତା ଏବଂ ଛାତ୍ରୀମାନଙ୍କୁ ମାଗଣାରେ ପାଠ୍ୟପୁସ୍ତକ ବଣ୍ଟନ କରାଯିବା କାର୍ଯ୍ୟକ୍ରମ ରହିଛି ବୋଲି ସଭାପତି ପଣ୍ଡା ସୂଚନା ଦେଇଛନ୍ତି।

# ୨୦ ମାସ ହେଲା ଭତ୍ତାରୁ ବଞ୍ଚିତ ମହିଳା

**ଘର ନାହିଁ, ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି**



ଅଜିଜା ଖାତୁନ

ବ୍ରହ୍ମବରଦା, ୧୮
(ଯଯାତି କେଶରୀ ବେହେରା):

ରସୁଲପୁର ବ୍ଲକ୍ ବ୍ରହ୍ମବରଦା ପଞ୍ଚାୟତ ୧ ନମ୍ବର ୱାର୍ଡର ବିଧବା ମହିଳା ଅଜିଜା ଖାତୁନ(୩୫) ୨୦ ମାସ ହେଲା ଭତ୍ତା ପାଇ ନ ଥିବା ଅଭିଯୋଗ ହୋଇଛି। ଏନେଇ ସେ ବିଡିଓଙ୍କୁ ଜଣାଇବା ପରେ ତୁରନ୍ତ ୨ ମାସର ଭତ୍ତା ଦେବାକୁ ବିଡିଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ତାଙ୍କୁ ଭତ୍ତା ଦିଆଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ୨ ନଭେମ୍ବର ୨୦୧୮ରେ ତାଙ୍କୁ ଭତ୍ତା ପ୍ରଦାନ ପାଇଁ ମଞ୍ଜୁରୀ ମିଳିଥିଲା। ସେହିଦିନଠାରୁ ସେ ପ୍ରତି ମାସ ୫୦୦ ଟଙ୍କା ଭତ୍ତା ପାଉଥିଲେ। ଏହା ୨୦୨୧ ନଭେମ୍ବର ପର୍ଯ୍ୟନ୍ତ ମିଳିଥିଲା। ୨୦୨୧ ଡିସେମ୍ବରଠାରୁ ଭତ୍ତା ଟଙ୍କା ବ୍ୟାଙ୍କ ଖାତାକୁ ଯିବ ବୋଲି ତାଙ୍କୁ କୁହାଯାଇଥିଲା। ହେଲେ ସେହି ଦିନଠାରୁ ଜୁଲାଇ ୨୦୨୩ ପର୍ଯ୍ୟନ୍ତ ସେ ଭତ୍ତା ଟଙ୍କା ପାଇପାରିନାହାନ୍ତି। ଟଙ୍କା ପାଇବା ପାଇଁ ଅଜିଜା ପଞ୍ଚାୟତ କାର୍ଯ୍ୟାଳୟରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ି ନୟାନ୍ତ ହେଲେଣି। ହେଲେ କିଛି ସୁଫଳ ମିଳୁନାହିଁ। ଫଳରେ ପରିବାର ଚଳାଇବା ତାଙ୍କ ପାଇଁ ବଡ଼ କଷ୍ଟକର ହୋଇପଡ଼ିଛି। କୁନିକୁନି ୨ ଝିଅଙ୍କ ସହିତ ୩ ପ୍ରାଣୀ କୁଟୁମ୍ବ ଏବେ ପର ସହାୟତାରେ ଚଳୁଛନ୍ତି। ତାଙ୍କର ଘର ନାହିଁ। ସମ୍ପର୍କୀୟଙ୍କ ଘରେ ପଡ଼ି ରହିଛନ୍ତି। ରାଶନ କାର୍ଡରେ ୧୫ କେଜି ଚାଉଳ ମିଳୁଛି। ଭତ୍ତା ବାବଦରେ ମିଳୁଥିବା ଟଙ୍କା ପିଲାଙ୍କ ପାଠ ପଢ଼ାରେ ଖର୍ଚ୍ଚ ହେଉଥିଲା। ହେଲେ ଏବେ ଭତ୍ତା ମିଳୁ ନ ଥିବାରୁ ପିଲାଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଛି।

୨୦୧୭ରେ ଅଜିଜାଙ୍କ ସ୍ୱାମୀ ମତଲବ ଅଲ୍ଲି କ୍ୟାନସରରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଛନ୍ତି। ସେହିଦିନଠାରୁ ଅଜିଜା ଖାତୁନଙ୍କ ଚଳିବା କଷ୍ଟକର ହୋଇପଡ଼ିଛି। ତେଣୁ ତାଙ୍କୁ ତୁରନ୍ତ ଭତ୍ତା ସହିତ ଆବାସ ଯୋଜନାରେ ଘର ଯୋଗାଇଦେବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ରହ୍ମବରଦା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ବଳଙ୍କୁ ପଚାରିବାରେ ସେ କହିଛନ୍ତି, ମୁଁ ବର୍ଷେ ହେବ ଏହି ପଞ୍ଚାୟତରେ ଯୋଗ ଦେଇଛି। ପୂର୍ବରୁ ସେ କାହିଁକି ଭତ୍ତା ନେଉ ନ ଥିଲେ ତାହା ଜାଣିନାହିଁ। ବର୍ତ୍ତମାନ ୨ ମାସର ଭତ୍ତା ନେଇଯାଅନ୍ତୁ। ଉପଜିଲାପାଳଙ୍କଠାରୁ ମଞ୍ଜୁରୀ କରାଇ ଆଣିଲେ ବାକିଥିବା ଭତ୍ତା ଟଙ୍କା ଦିଆଯିବ।

# ବୁଢ଼ା ନଦୀରୁ ଡଙ୍ଗା ସାହାଯ୍ୟରେ ଉଠୁଛି ବାଲି

ଯାଜପୁର ଟାଉନ, ୧୮
(ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):



ଡଙ୍ଗା ସାହାଯ୍ୟରେ ବାଲି ଉଠାଯାଉଛି।

ଯାଜପୁର ତହସିଲ ବୁଢ଼ା ନଦୀରୁ ବେଆଇନ୍ ଭାବେ ଡଙ୍ଗାରେ ବାଲି ଉଠାଯାଉଛି। ଏହି ବାଲିକୁ ଭଦ୍ରକ, ବାଲେଶ୍ୱର ସମେତ କୋଲକାତାକୁ ପ୍ରତ୍ୟେକ ଦିନ ଚାଲାଣ କରାଯାଉଛି। ଶହଶହ ହାଇୱା ଓଭରଲୋଡ୍ କରି ବୁଢ଼ା ନଦୀ ବନ୍ଧ ଦେଇ ଯାଉଥିବାରୁ ନଦୀବନ୍ଧ ଅବସ୍ଥା ଶୋଚନୀୟ ହୋଇପଡିଛି। ଅନେକ ସ୍ଥାନରେ ବଡ଼ବଡ଼ ଗାଲ ସୃଷ୍ଟି ହୋଇ ଲୋକଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି କରୁଛି। ମଙ୍ଗଳବାର ବୁଢ଼ା ନଦୀ ବନ୍ଧ ଦେଇ ବାଲି ବୋଝେଇ ହାଇୱା ଯାଉଥିବାବେଳେ ସ୍ଥାନୀୟ ଲୋକେ ଗାଡ଼ିଗୁଡ଼ିକୁ ଅଟକ ରଖିଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ଉପୁଜିଥିଲା।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବୁଢ଼ା ନଦୀର ବନ୍ଧମୁଣ୍ଡା ଘାଟ ସମେତ ୪/୫ ଘାଟରୁ ବେଆଇନଭାବେ ଡଙ୍ଗା ପକାଇ ମେଶିନ ସାହାଯ୍ୟରେ ବାଲି ଉଠାଇ ଟ୍ରକ୍ ଯୋଗେ ଜିଲା ଓ ରାଜ୍ୟ ବାହାରକୁ ଚୋରାଚାଲାଣ କରାଯାଉଛି। ଅତ୍ୟଧିକ ଓଭରଲୋଡିଂ ବାଲିଗାଡ଼ି ବନ୍ଧ ଦେଇ ଦ୍ରୁତଗତିରେ ଯାତାୟାତ କରୁଥିବାରୁ ଅନେକ ସମୟରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଓଭରଲୋଡ୍ ଗାଡ଼ି ଯାତାୟାତ ଯୋଗୁ ଅନେକ ସ୍ଥାନରେ ବନ୍ଧ ଦବିଯିବା ସହ ବନ୍ଧ ଫାଟି ଗାଡ଼ ସୃଷ୍ଟି ହେଲାଣି। ଏହି ବନ୍ଧ ଦେଇ ପ୍ରତ୍ୟେକ ଦିନ ହଜାରହଜାର ଲୋକ ଯାତାୟାତ କରୁଥିବାବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଛାତ୍ରୀଛାତ୍ର ଯିବାଆସିବା କରନ୍ତି। ମାତ୍ର ବାଲି ବୋଝେଇ ଗାଡ଼ି ଯାତାୟତ ଫଳରେ ଲୋକମାନଙ୍କ ମନ ଭିତରେ ଭୟ ସୃଷ୍ଟି ହୋଇଛି। ଆଗାମୀ ଦିନରେ ଏଠାରେ ଏକ ଜନଆନ୍ଦୋଳନ ସୃଷ୍ଟି ହେବବୋଲି ଆକଳନ କରାଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କୁ ପଚାରିବାରେ ସେ କହିଛନ୍ତି, ଡଙ୍ଗା ସାହାଯ୍ୟରେ ବାଲି ଉତ୍ତୋଳନ କରିବା ବେଆଇନ। ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ବଡ଼ପଡା ଉଚ୍ଚ ମାଧ୍ୟମିକ ସ୍କୁଲରେ ପ୍ରବେଶ ଉତ୍ସବ

କେନ୍ଦ୍ରାପଡ଼ା, (ଜଗନ୍ନାଥ ଧଳ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ପଡା ଉଚ୍ଚ ମାଧମିକ ବିଦ୍ୟାଳୟରେ ନୂତନ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଶ୍ରୀକାନ୍ତ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ୱାଗତ ଉତ୍ସବରେ ପ୍ରାଧାପକ ସୁରେନ୍ଦ୍ର ପଣ୍ଡା, ମନ୍ମଥ ପାତ୍ର, ଅମରେନ୍ଦ୍ର ପତି, ପୂର୍ବତନ ପ୍ରାଧାପକ ବୀରେନ୍ଦ୍ର ସାହୁ, ସନ୍ତୋଷ ଜେନା ଓ ଇମଦାଦ ଅଲ୍ଲୀ ଯୋଗ ଦେଇଥଲେ। ସେମାନେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ନିଷ୍ଠାର ସହ ଅଧ୍ୟୟନ କରି ଜୀବନର ଲକ୍ଷ୍ୟ ପୂରଣ କରିବା ସହିତ ଏ ଶିକ୍ଷାନୁଷ୍ଠାନ ଓ ମାଟିର ସୁନାମ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବକୁ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧାପିକା ଅଧାପକ, କର୍ମଚାରୀ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଭୁଜାଲି ଦେଖାଇ ମୋବାଇଲ ଫୋନ ଲୁଟ: ୨ ଗିରଫ

ମାର୍ଶାଘାଇ,୧୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅଞ୍ଚଳରେ ରବିବାର ରାତିରେ ଜଣେ ଟ୍ରକ ଡ୍ରାଇଭରଙ୍କୁ ଦୁର୍ବୃତ୍ତମାନେ ଭୁଜାଲି ଦେଖାଇ ମୋବାଇଲ ଫୋନ ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଝାଡ଼ଖଣ୍ଡ ରାଜ୍ୟ ସାହେବଗଞ୍ଜ ଜିଲା କୋଟଲାପୋଖର ଥାନା ଅନ୍ତର୍ଗତ ତାକିର ଆଲାମ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସେ ଆଇରନ ବୋଝେଇ ଟ୍ରକକୁ ଚଳାଇ ପାରାଦୀପ ଅଭିମୁଖେ ଯାଉଥିବା ବେଳେ ରାସ୍ତାରେ ଗାଡ଼ ଜାମ ଯୋଗୁ ଜାତୀୟ ରାଜପଥର ଲୁଣା ବ୍ରିଜ ଉପରେ ଅଟକି ଥିଲେ। ରାତି ପ୍ରାୟ ସାଢେ ୧୧ଟାରେ ସେ ଗାଡ଼ିର ଥିବା ବେଳେ ୩ ଜଣ ଯୁବକ ଏକ ବାଇକ୍‌ରେ ଆସି ଭୁଜାଲି ଦେଖାଇ ଫୋନ ଲୁଟି ନେଇଥିଲେ। ପୋଲିସ ତଦନ୍ତ କରି ଥାନା ଅନ୍ତର୍ଗତ ବଡ଼ପାଳ ଗ୍ରାମର କାଳନ୍ଦୀ ଦାସ ଓରଫ ଆଣ୍ଟିନା, ଶିଳିପୁର ଗ୍ରାମର ଜ୍ଞାନରଞ୍ଜନ ମଲିକ ଓରଫ ବୁବୁଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଏକ ବାଇକ୍, ମୋବାଇଲ ଫୋନ ଓ ଏକ ଲୁହା କଟୁରୀ ଜବତ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଅଜୟ କୁମାର ସାହୁ କହିଛନ୍ତି। ଏ ନେଇ ଥାନାରେ ନଂ. ୪୪୩/୨୩ରେ ମାମଲା ରୁଜୁ କରାଯାଇଛି।

### ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ବନ ମହୋତ୍ସବ

ପଟ୍ଟାମୁଣ୍ଡାଇ, ୧୮ (ଅକ୍ଷୟ ବିଶ୍ୱାଳ)

ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ବନ ମହୋତ୍ସବ ଏମ୍ ଏନ୍ ହାଇସ୍କୁଲଠାରେ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସିଂଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବନ ମହୋତ୍ସବ ଆରମ୍ଭରେ ପରିବେଶ ସଚେତନତା ଶୋଭାଯାତ୍ରା ପଟ୍ଟାମୁଣ୍ଡାଇ ସହର ପରିକ୍ରମା ପରେ ଚାରା ରୋପଣ ଓ ପିଲାମାନଙ୍କ ମଧ୍ୟରେ ପରିବେଶ ସମ୍ପର୍କିତ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲା ମାଷ୍ଟର ଟ୍ରେନର ଗୋପୀନାଥ ଦାସ ମୁଖ୍ୟଅତିଥି, ରାଜନଗର ଲୁଣା ଜଙ୍ଗଲ ଗବେଷଣା ଅଧିକାରୀ ପ୍ରସନ୍ନ ନାୟକ, ପଟ୍ଟାମୁଣ୍ଡାଇ ଇକୋ କ୍ଲବ ସଂଯୋଜକ ଶୁଭ୍ରାଂଶୁ ଦାସ, ରାଜନଗର ବନପାଳ ବିଜୟ ପାତ୍ର, ବନରକ୍ଷୀ ବିଶ୍ୱରଞ୍ଜନ ତରାଇ, ମାଷ୍ଟର ଟ୍ରେନର ପ୍ରଫୁଲ୍ଲ ମହାପାତ୍ର ଓ ଖବରଦାତା ଭାସ୍କର ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ଅଶୋକ ଦାସ ସ୍ୱାଗତ ଭାଷଣ ଓ ସରୋଜ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ତାପସ ବେହେରା ଧନ୍ୟବାଦ ଦେଇଥିଲେ।

### ନାଗାନାରାୟଣ ଉଚ୍ଚ ମାଧ୍ୟମିକ ସ୍କୁଲର ଯୁକ୍ତ ୨ ପିଲାଙ୍କ ପ୍ରବେଶ ଉତ୍ସବ

ରାଜନଗର, ୧୮ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଉପାନ୍ତ ଡାଙ୍ଗମାଳସ୍ଥିତ ନାଗାନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ମଙ୍ଗଳବାର ଅଧକ୍ଷ ମାନସ ରଞ୍ଜନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଆଗାମୀ ଦିନରେ ଏହି ଉଚ୍ଚ ମାଧମିକ ବିଦ୍ୟାଳୟକୁ ବିଜ୍ଞାନ ବିଭାଗ ସହ ପରିବେଶ ଓ ପ୍ରକୃତି ସମ୍ବନ୍ଧୀୟ ବିଷୟ ଉପରେ ଶିକ୍ଷା ଦେବା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ସରପଞ୍ଚ ଅନୁସୂୟା ବିଶ୍ୱାଳ, ୩୨ନଂ. ଜିଲା ପରିଷଦ ସଦସ୍ୟ ଖୁକୁମିନା କୁଅଁର, ଶିକ୍ଷାବିତ ଉପେନ୍ଦ୍ରନାଥ ସ୍ୱାଇଁ, ମୋ ସ୍କୁଲ ଅଭିଯାନ ସଭାପତି ନିରଞ୍ଜନ ନାୟକ, ପରିଚାଳନା କମିଟି ସଭାପତି କାର୍ତ୍ତିକ ଚନ୍ଦ୍ର ବେହେରା, କନିକା ରେଞ୍ଜ ଅଫିସର ମାନସ କୁମାର ଦାସ, ତାଳଚୁଆ ମାରାଇନ ଥାନା ଅଧିକାରିଣୀ ସସ୍ମିତା ସାହୁ, ପୂର୍ବତନ ଅଧକ୍ଷ ଜୟୀରାମ ସେଠୀ, ସିଆରସିସି ନିରୋଜ କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ବିଧାୟକ ସାହୁ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସ୍କୁଲ ଟପ୍ପର ହୋଇଥିବା ସ୍ୱାତୀ ସ୍ୱରୂପା ସ୍ୱାଇଁ, କାନ୍ତିଲତା ଜାନାଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ପୋତି ହୋଇଯିବ ପଟ୍ଟାମୁଣ୍ଡାଇ କେନାଲ

- ଚାଲିଛି ନୂତନ ବାଇପାସ ରାସ୍ତା ନିର୍ମାଣ
- ପଡୁଛି ପଙ୍କୁଆ ମାଟି
- ଦୋହରା ଖସି ଶଯ୍ୟା ପୋତି ହେଉଛି
- ଜଳସେଚନରେ ବାଧା ଅଶଙ୍କା

କେନ୍ଦ୍ରାପଡା, ୧୮ (ଜଗନ୍ନାଥ ଧଳ)

କଟକ ଜଗତପୁରଠାରୁ ବାହାରିଥିବା ପଟ୍ଟାମୁଣ୍ଡାଇ କେନାଲ ପ୍ରତି ବିପଦ ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ଶୁକୁଆ ସାହିଠାରୁ କଖାରୁଣି ପୋଲ ପର୍ଯ୍ୟନ୍ତ ନୂତନ ବାଇପାସ ରାସ୍ତା ନିର୍ମାଣ କାମରେ ବ୍ୟବହାର ପଙ୍କୁଆ ମାଟି ବୋହି କେନାଲ ଶଯ୍ୟା ପୋତି ହୋଇପଡୁଛି। ଫଳରେ କେନାଲର ଜଳଧାରଣ କ୍ଷମତା ହ୍ରାସ ପାଇ ଜଳସେଚନରେ ବାଧା ସୃଷ୍ଟି ହେଉଛି। ଏହି କେନାଲ ଉପରେ ନିର୍ଭରଶୀଳ ଉତିକଣ ଭେଡା ସମେତ ପଟ୍ଟାମୁଣ୍ଡାଇର ଚାଷୀକୂଳ ପାଣି ବିନା ହଇରାଣ ହେଉଛନ୍ତି। ଏହି କେନାଲ ଉପରେ ପଟ୍ଟାମୁଣ୍ଡାଇ ଗୋବରୀ ସମ୍ପ୍ରସାରିତ କେନାଲ ସହ ୧୭ଟି ଛୋଟ ଶାଖା କେନାଲ ଓ ୫ଟି ମାଇନର କେନାଲ ରହିଛି। ତେବେ ଏ ନେଇ ଜଳସମ୍ପଦ କିମ୍ବା ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ କେନାଲରେ ଜଳ ପରିଚାଳନା ଠିକ୍ ହୋଇପାରୁନାହିଁ।

ସାମାଜିକ କର୍ମୀ ଜ୍ୟୋତିପ୍ରକାଶ ପ୍ରଧାନ କହିଛନ୍ତି, ଜଗତପୁରଠାରୁ ଅସିଥିବା ପଟ୍ଟାମୁଣ୍ଡାଇ କେନାଲର ବାମପାର୍ଶ୍ୱରେ ବ୍ରାହ୍ମଣୀ ନଦୀବନ୍ଧ ରହିଛି। ଦକ୍ଷିଣପାର୍ଶ୍ୱରେ ପଟ୍ଟାମୁଣ୍ଡାଇ କେନାଲ ଓ କେନାଲର ଦକ୍ଷିଣପାର୍ଶ୍ୱରେ ଜଳସମ୍ପଦ ବିଭାଗ ବନ୍ଧ ରହିଛି। ନିୟମ ଅଛି ଏହି କେନାଲର ଦକ୍ଷିଣ ପାର୍ଶ୍ୱକୁ କେବେ ବି ରାସ୍ତାର ଚଉଡ଼ା ହୋଇପାରିବ ନାହିଁ। ଏହି କେନାଲର ଦକ୍ଷିଣ ପାର୍ଶ୍ୱ ପଟ୍ଟାମୁଣ୍ଡାଇ ବାଇପାସଠାରୁ ଭାୟା କଖାରୁଣି ପୋଲ ଦେଇ ରାଜନଗରକୁ ସଂଯୋଗ କରିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୨୧ କୋଟି ଟଙ୍କା ବ୍ୟୟ ଅଟକଳରେ ଟେଣ୍ଡର କରାଯାଇ ବାଇପାସ ରାସ୍ତାର ନିର୍ମାଣ କାମ ଛାଲିଛି। ଏହି ରାସ୍ତାକୁ ଏକ ଠିକା କମ୍ପାନୀ ନେଇଥିବା ବେଳେ ଏବେ କେନାଲ ପାର୍ଶ୍ୱ ନୟନଜୋରି ଖୋଳି ପଙ୍କ ମାଟି ପକାଉଛନ୍ତି। କେନାଲର ଦକ୍ଷିଣ ପାର୍ଶ୍ୱରେ ପଙ୍କ ମାଟି ପଡ଼ିବା ଦ୍ୱାରା ବର୍ଷାରେ ଏହା ବୋହି କେନାଲ ପୋତି ହେଉଛି। ପଟ୍ଟାମୁଣ୍ଡାଇ ଜଳସମ୍ପଦ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ସାହୁ କୁହନ୍ତି, ଏହି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇନାହିଁ। ଏ ନେଇ ବିଭାଗ ପକ୍ଷରୁ ମେମୋ ନଂ. ୨୫୪(୨) ୧୨।୫।୨୩ରେ ପୂର୍ତ୍ତ ବିଭାଗକୁ ଚିଠି କରି ଜଣାଇ ଦିଆଯାଇଛି ଯେ, ପଟ୍ଟାମୁଣ୍ଡାଇ କେନାଲର ୭୫.୫୦୦ କିମି ବାଇପାସ୍‌ଠାରୁ ୭୯.୫୦୦ କଖାରୁଣୀ ପୋଲ ପର୍ଯ୍ୟନ୍ତ ୪ କି.ମି. ଦକ୍ଷିଣ ପାର୍ଶ୍ୱ କେନାଲ ବନ୍ଧକୁ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ନିର୍ମାଣ କାମ ଆରମ୍ଭ ହୋଇଛି। ଠିକାଦାର କାମ ଆରମ୍ଭ କରିଥିବା ବେଳେ ଜଳସେଚନ ପାଇଁ ଉଦ୍ଦିଷ୍ଟ ନୟନଜୋରି, କଲଭଟ ଓ କେନାଲ ବନ୍ଧକୁ ସୁରକ୍ଷା ଦେବା ସହ ସରକାରୀ ନିୟମ ଅନୁଯାୟୀ ଜଳସମ୍ପଦ ବିଭାଗ ପକ୍ଷରୁ ଉକ୍ତ ରାସ୍ତା ହସ୍ତାନ୍ତର କରିବା ଉଚିତ ବୋଲି ଚିଠି ମାଧ୍ୟମରେ ଜଣାଇ ଦିଆଯାଥିଲା। ବୁଦ୍ଧିଜୀବୀ ପ୍ରଫୁଲ୍ଲ ଦାଶ କହିଛନ୍ତି, ବ୍ରିଟିଶ ସରକାରଙ୍କ ଅମଳରେ ୧୮୯୩ରେ ନିର୍ମାଣ ହୋଇଥିବା ଏହି କେନାଲଟି ଜମିର ଜଳସେଚନ ପାଇଁ ପ୍ରମୁଖ ଭୂମିକା ନିଭାଉଥିଲା। ୨୦୧୬ରେ ଏସିୟାନ୍ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ (ଏଡିବି) ଜରିଆରେ କେନାଲ ପୁନରୁଦ୍ଧାର ପାଇଁ ୩୬୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ୨୦୧୮ରେ ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। କେନାଲର ମୂଳ ଶଯ୍ୟାକୁ ଖନନ କରାଯାଇ ସମ୍ପୂର୍ଣ୍ଣ ୮୨ କି.ମି. କାର୍ଯ୍ୟ ହୋଇଥିଲା। ପଟ୍ଟାମୁଣ୍ଡାଇ ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ନୀଳକଣ୍ଠପୁରଠାରୁ ପଟ୍ଟାମୁଣ୍ଡାଇ ବଜାର ଓ ପଟ୍ଟାମୁଣ୍ଡାଇ ବଜାରଠାରୁ ଅଳଭା ପର୍ଯ୍ୟନ୍ତ ୨ଟି ପ୍ରକଳ୍ପ ଏବଂ ଗୋବରୀ ସମ୍ପ୍ରସାରିତ କେନାଲ ଅଳଭା ଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ୨ଟି ପ୍ରକଳ୍ପ ଏହି ପରି ସମୁଦାୟ ପ୍ରକଳ୍ପକୁ ୪ଟି ଭାଗରେ ବିଭକ୍ତ କରାଯାଇ ୨୧ କୋଟି ୯୦ ଲକ୍ଷ ପ୍ୟାକେଜରେ ପୋତେଇ କାର୍ଯ୍ୟ କରାଯାଇଥିଲା। ଏବେ କେନାଲର ଦକ୍ଷିଣ ପାର୍ଶ୍ୱରେ ମାଟି ପକାଇ ପ୍ରଶସ୍ତୀକରଣ କାମ କରି ବିଭାଗକୁ ମାପ ଦେଖାଇବା ପାଇଁ ଠିକାଦାର ଏଭଳି ମନମୁଖି କାର୍ଯ୍ୟ କରୁଛନ୍ତି। ବର୍ଷାଋତୁ ଯୋଗୁ ପଙ୍କମାଟି ବୋହି ମୂଳ ଶଯ୍ୟା ପୋତି ହୋଇଯାଉଛି। ଫଳରେ କେନାଲରେ ପ୍ରବାହିତ ଜଳ ଶେଷ ମୁଣ୍ଡରେ ପହଞ୍ଚିବାରେ ବାଧା ଉପୁଜିବ। ଏନେଇ ସ୍ଥାନୀୟ ଚାଷୀମାନେ ଅଭିଯୋଗ କରିବା ସହିତ ଜଳସମ୍ପଦ ବିଭାଗକୁ ଜଣାଇଛନ୍ତି। ତୁରନ୍ତ ଠିକାଦାରଙ୍କୁ ଏହି କାର୍ଯ୍ୟରୁ ନିବୃତ ରହିବା ପାଇଁ ନିର୍ଦ୍ଦେଶ ଦେବାକୁ ସେମାନେ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଜଳ ସମ୍ପଦ ବିଭାଗ ସହନିର୍ବାହୀ ଯନ୍ତ୍ରୀ ପ୍ରଭାତ ସାହୁଙ୍କୁ ପଚାରିବାରେ ଏ ନେଇ ପୂର୍ବରୁ ସୂଚନା ପାଇ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇଥିଲେ। ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ମାଟି ନ ପକାଇ କେବଳ କେନାଲ ପାର୍ଶ୍ୱ ରାସ୍ତା ସମାନ କରିବାକୁ କହିଥିଲେ। ଏବେ ସୂଚନା ମିଳୁଛି ଯେ, କେନାଲ ପାର୍ଶ୍ୱ ୬ରୁ ୮ ଫୁଟ ମାଟି ପଡୁଛି। ତେଣୁ ଖୁବ୍‌ଶୀଘ୍ର ଜଳ ସମ୍ପଦ ବିଭାଗ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରାଯିବ ବୋଲି ସେ କହିଛନ୍ତି।



ବାଇପାସ ରାସ୍ତା ନିର୍ମାଣ ସମୟରେ ପକାଯାଉଥିବା ପଙ୍କ ମାଟି ପଟ୍ଟାମୁଣ୍ଡାଇ କେନାଲରେ ପଡୁଛି ଓ ବର୍ଷାରେ ବୋହି ପଶୁଛି।

## ଓଳାଭର ମହାବିଦ୍ୟାଳୟ ନୂତନ ଗୃହର ଭୂମିପୂଜା

### ୨୩ ଲକ୍ଷ ବ୍ୟୟରେ ନିର୍ମାଣ ହେବ

କେନ୍ଦ୍ରାପଡ଼ା,୧୮ (ଜଗନ୍ନାଥ ଧଳ)

ରାଜକନିକା ବ୍ଲକ ଓଳାଭର ମହାବିଦ୍ୟାଳୟର ନୂତନ ଗୃହ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ୨୩ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହି ନୂତନ ଗୃହ ଓଳାଭରଠାରୁ ରାଜକନିକା ରାସ୍ତାର ନୂଆପାଟଣା ଛକ ନିକଟରେ ନିର୍ମାଣ ହେବାକୁ ସ୍ଥିର ପରେ ଜମି ଚିହ୍ନଟ ହୋଇ ଅଧିଗ୍ରହଣ ହୋଇଛି। ପରେ ମଙ୍ଗଳବାର ଏହାର ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଳାଭର ପଞ୍ଚାୟତ ସରପଞ୍ଚ ନହୁଷ କୁମାର ନାୟକ, ବଳରାମପୁର ସରପଞ୍ଚ ସ୍ୱର୍ଣ୍ଣଲତା ବେହୁରା, ମହାବିଦ୍ୟାଳୟର ଅଧକ୍ଷ ହଳଧର ବେହେରା, ମୁଖ୍ୟ ଲିପିକ ରମାକାନ୍ତ ପରିଡା ଓ କୋଷ ପ୍ରମୁଖ ପ୍ରିୟରଞ୍ଜନ ବେହୁରାଙ୍କ ସମେତ ମହାବିଦ୍ୟାଳୟର ଅଧାପିକାଅଧାପକ ଓ ଗଭର୍ଣ୍ଣିଂ ବଡ଼ିର ମେମ୍ବର ଏବଂ ଅଞ୍ଚଳର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀମାନେ ଉପସ୍ଥିତ ରହିଥିଲେ। ତେବେ ୨ମାସ ମଧ୍ୟରେ ଏହି ଗୃହ ନିର୍ମାଣ କରାଯାଇ ମହାବିଦ୍ୟାଳୟକୁ ହସ୍ତାନ୍ତର କରାଯିବାକୁ ନିର୍ଦ୍ଦେଶ ଥିବାବେଳେ, ନୂତନ ଗୃହ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ ବୋଲି ଅଧକ୍ଷ ସୂଚନା ଦେଇଛନ୍ତି। ଏହି ଗୃହ ନିର୍ମାଣ ହେବା ପରେ ମହାବିଦ୍ୟାଳୟର ଉନ୍ନତିରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡି ହେବ ବୋଲି ମହାବିଦ୍ୟାଳୟର ଅଧକ୍ଷ ବେହେରା ସୂଚନା ଦେଇଛନ୍ତି ।



ମହାବିଦ୍ୟାଳୟର ନୂତନ ଗୃହ ଲାଗି ଭୂମି ପୂଜା କରାଯାଉଛି।

## ପୋଲିସ ହାବିଲଦାରଙ୍କ ପୁଅ ପାଇଲେ ଓସିଏସ୍

କେନ୍ଦ୍ରାପଡା, ୧୮ (ଜଗନ୍ନାଥ ଧଳ)

ଓଡିଶା ସିଭିଲ୍ ସର୍ଭିସ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଏହି ପରୀକ୍ଷା ଫଳରେ କେନ୍ଦ୍ରାପଡ଼ା ଜିଲାରୁ ୫ ଜଣ ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଜଣାପଡ଼ିଛି। କେନ୍ଦ୍ରାପଡ଼ା ଜିଲା ପୋଲିସ ମୁଖ୍ୟାଳୟରେ ହାବିଲଦାର ଭାବେ କାର୍ଯ୍ୟ କରୁଥିବା ନରେନ୍ଦ୍ରନାଥ ସୋରେନଙ୍କ ବଡପୁଅ କିରଣ କୁମାର ସୋରେନ୍ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଏହି ଖବର ପ୍ରକାଶ ପରେ ଜିଲା ପୋଲିସ ପକ୍ଷରୁ ବହୁ ପଦାଧିକାରୀ କିରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ହାବିଲଦାର ନରେନ୍ଦ୍ରନାଥ ୧୯୯୯ରୁ ଜିଲା ପୋଲିସ ବିଭାଗରେ ଏପିଆର କନେଷ୍ଟବଳ ଭାବେ ନିଯୁକ୍ତି ପାଇ କିଛିଦିନ ପୂର୍ବେ ହାବିଲଦାରକୁ ଉନ୍ନିତ ହୋଇଛନ୍ତି। ସେହିପରି ମା' ପୂର୍ଣ୍ଣିମା ସୋରେନ ଗୃହିଣୀ। ସଫଳତା ସମ୍ପର୍କରେ କିରଣ କହିଛନ୍ତି ଯେ, ଦୃଢ଼ ଇଚ୍ଛାଶକ୍ତି ସୁକର୍ମରେ ସଫଳତା ଆଣିଥାଏ। ମାଆ, ବାପା ଓ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପ୍ରେରଣା ଏହି ସଫଳତା ପଛରେ ଅଛି। ପ୍ରଶାସନିକ ଅଧିକାରୀ ଭାବେ ତୃଣମୂଳ ସମସ୍ୟାର ସମାଧାନ କରିବାକୁ ଗୁରୁତ୍ୱ ଦେବେ ବୋଲି ସେ ମତ ଦେଇଛନ୍ତି।



## ଓସିଏସ୍ ପରୀକ୍ଷାରେ ୭୧ ର୍‍ୟାଙ୍କରେ ରୋଜାଲିନ୍

ଡେରାବିଶ ୧୮ (ବେବର୍ତ୍ତା ଅଜୟ ଦାସ) : ଓଡ଼ିଶା ସିଭିଲ୍ ସର୍ଭିସ୍ ୨୦୨୧ ପରୀକ୍ଷା ଫଳ ସୋମବାର ପ୍ରକାଶିତ ହୋଇଥିଲା। ଏଥିରେ ଡେରାବିଶ ବ୍ଲକ ନରସିଂହପୁର ପଞ୍ଚାୟତ ତିଲଙ୍ଗ ଗାଁର ରୋଜାଲିନ୍ ସାମଲ ୭୧ ର୍‍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ରୋଜାଲିନ୍‌ଙ୍କ ବାପା ସ୍ୱର୍ଗତ ହରେକୃଷ୍ଣ ଜଣେ ଆଦର୍ଶ ଶିକ୍ଷକ ଥିବା ବେଳେ ମା' ବନଲତା ସ୍ୱାଇଁ ମଧ୍ୟ ଜଣେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି। ରୋଜାଲିନ୍ ତିଲଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଜଣେ କୃତୀ ଛାତ୍ରୀ ଥିଲେ। ପରେ ରେଭେନ୍ସା ଜୁନିୟର କଲେଜରେ ଯୁକ୍ତ ୨ ଓ ପରେ ଷ୍ଟୁଆର୍ଟ କଲେଜରେ ଯୁକ୍ତ ୩ ଛାତ୍ରୀ ଭାବେ କୃତିତ୍ୱ ଅର୍ଜନ କରିଥିଲେ। ଡିଗ୍ରୀ ପରେ କଟକସ୍ଥିତ ରାଧାନାଥ ଟ୍ରେନିଂ କଲେଜରେ ବିଇଡି ଶିକ୍ଷା ସମାପ୍ତି କରିଥିଲେ। ବର୍ତ୍ତମାନ ଉଚ୍ଚନ୍ୟାୟାଳୟରେ ଏଏସ୍‌ଓ ଭାବେ କାର୍ଯ୍ୟରତ ଅଛନ୍ତି। ତେବେ ପିଲାଟି ଦିନରୁ ଓସିଏସ୍ ଅଧିକାରୀ ଭାବେ କାର୍ଯ୍ୟ କରିବାକୁ ମନ ବଳାଇବା ସହ ରୋଜାଲିନ୍ ଏଥିପାଇଁ ନିଜର ଅଧ୍ୟବସାୟକୁ ଜୋରଦାର କରିଥିଲେ। ତାଙ୍କର ଏହି ସଫଳତା ପାଇଁ ନରସିଂହପୁର ସରପଞ୍ଚ ସୁଧୀର କୁମାର ଖଟୁଆ, ଡେରାବିଶ ପଞ୍ଚାୟତ ସମିତି ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟଙ୍କ ସମେତ ତିଲଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିକ୍ଷୟିତ୍ରୀଶିକ୍ଷକମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ରାଜନଗର ପାଇଁ ଗୌରବ ଆଣିଲେ ବ୍ରଜେଶ୍ୱର

ରାଜନଗର, ୧୮ (ଭାସ୍କର ରାଉତରାୟ): ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ଶା ସିଭିଲ ସର୍ଭିସ ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ ହରିହରପୁର ଗ୍ରାମର ବ୍ରଜେଶ୍ୱର ରାଉତ। ଏହି ଓସିଏସ୍ ପରୀକ୍ଷାରେ ୧୩୦ତମ ସ୍ଥାନରେ ରହି ଏହି ସଫଳତା ପାଇଛନ୍ତି। ଓସିଏସ୍ ପାଇଥିବା ବ୍ରଜେଶ୍ୱର ଭବିଷ୍ୟତରେ ନିଜ କର୍ତ୍ତବ୍ୟ ପାଳନ କରିବା ସହ ସମାଜରେ ତଳସ୍ତରରେ ଥିବା ଲୋକମାନଙ୍କ ସମସ୍ୟା ଦୂର କରିବି ବୋଲି କହିଛନ୍ତି। ହରିପୁର ଗ୍ରାମର ଶିକ୍ଷକ ବିଜୟ କୁମାର ରାଉତ ଓ ମା'ଜୟନ୍ତୀଙ୍କ ପୁତ୍ର ଅଟନ୍ତି। ବ୍ରଜେଶ୍ୱରଙ୍କ ଏହି ସଫଳତା ଖବର ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସେ ଜଣେ ମେଧାବୀ ଛାତ୍ର ଥିଲେ। ମାଟ୍ରିକ, ଯୁକ୍ତ ୨ ବିଜ୍ଞାନ ଏବଂ ଯୁକ୍ତ ୩ ବିଜ୍ଞାନରେ ପ୍ରଥମ ସ୍ଥାନ ଅଧିକାର କରି ଏହି ଓସିଏସ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ।



## ଓଳାଭର ମହାବିଦ୍ୟାଳୟରେ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ରାଜକନିକା,୧.୮ (ଡି.ଏନ୍.ଏ)

ରାଜକନିକା ବ୍ଲକ ଓଳାଭର ମହାବିଦ୍ୟାଳୟରେ ନୂତନ ଭାବେ ନାମ ଲେଖାଇଥିବା ଯୁକ୍ତ ୨ କଳା, ବାଣିଜ୍ୟ ଓ ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଅଧକ୍ଷ, ଅଧାପିକାଅଧାପକ ଓ ପରିଚାଳନା କମିଟିର ସଭ୍ୟାସଭ୍ୟମାନେ ମଙ୍ଗଳବାର ପ୍ରବେଶ ଉତ୍ସବ ଅବସରରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ଅନୁଷ୍ଠିତ ଉତ୍ସବରେ ଅଧକ୍ଷ ହଳଧର ବେହେରା ସଭାପତିତ୍ୱ କରିଥିଲେ। ଅଗଷ୍ଟ ୧୫ରେ ମହାବିଦ୍ୟାଳୟ ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଛି। ତେବେ ଚଳିତ ବର୍ଷ କଳାରେ ୩୩୧ ଜଣ, ବିଜ୍ଞାନରେ ୬୪ ଓ ବାଣିଜ୍ୟରେ ୧୨୮ ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ୧୩ ଟି ବିଭାଗର ବିଭାଗୀୟ ମୁଖ୍ୟ ତଥା ଅଧାପିକାଅଧାପକମାନେ ଛାତ୍ରୀଛାତ୍ରଙ୍କ ସହ ପରିଚୟ ଆଦାନ-ପ୍ରଦାନ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା ପୂର୍ବକ ପୁଷ୍ପଗୁଛ କଲମ ଓ ମିଠା ଖୁଆଇ ସ୍ୱାଗତ କରିଥିଲେ। ଇଂରାଜି ବିଭାଗର ଅଧାପିକା ମଧୁସ୍ମିତା ଶୁକ୍ଳ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଓଡ଼ିଆ ବିଭାଗର ଅଧାପକ ଚିନ୍ମୟ ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

## ଶୈକ୍ଷିକ ବାତାବରଣ ବଜାୟ ରଖାଯିବ

### ଚାନ୍ଦୋଳ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଡେରାବିଶ ୧।୮ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ଡା. ଲକ୍ଷ୍ମଣ କୁମାର ଦାଶ ସଭାପତିତ୍ୱ କରିଥିଲେ। ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ କୁମାର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା ସଭାପତିଙ୍କ ପୁତ୍ର ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ଗିରିଜାନନ୍ଦ ନାୟକ ବିଶିଷ୍ଟ ଅତିଥି, ବ୍ଲକ ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ଅଧାପକ ବିଶ୍ୱରଞ୍ଜନ ମିଶ୍ର ବେଦପାଠ କରିଥିଲେ। ଅଧକ୍ଷ ଡା. ଦାଶ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ମହାବିଦ୍ୟାଳୟର ଷ୍ଟାଫ୍ କାଉନ୍‌ସିଲର ସମ୍ପାଦକ ଅଧାପିକା ଶ୍ରୀମତି ଦାସ ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଭକ୍ତରଞ୍ଜନ ନାୟକ, ପୂର୍ବତନ ଅଧାପିକା ମିନତି ମହାନ୍ତି, ଅଧାପିକା ସୁଷମା ଶତପଥୀ ପ୍ରମୁଖ ମହାବିଦ୍ୟାଳୟର ଭିତ୍ତିଭୂମିର କ୍ରମାଗତ ଉନ୍ନତି ହେବା ସହ ଉତ୍ତମ ଶୈକ୍ଷିକ ପରିବେଶ ବଜାୟ ରହିଥିବା ତାଙ୍କ ବକ୍ତବ୍ୟରେ କହିଥିଲେ। ମୁଖ୍ୟ ଅତିଥି ଅଗ୍ରୱାଲ ଓ ମୁଖ୍ୟବକ୍ତା ଆଚାର୍ଯ୍ୟ ମହାବିଦ୍ୟାଳୟର ଉନ୍ନତି କଳ୍ପେ ଆବଶ୍ୟକ ହେଉଥିବା ଅର୍ଥ ସରକାର ନିଶ୍ଚିତ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଅଧାପିକା ମନିସା ମହାରଣା ଧନ୍ୟବାଦ ଦେଇଥିଲେ।



ବାର୍ଷିକ ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ସ୍ଥିତି ଅନୁଧ୍ୟାନ କଲେ ବିଧାୟକ, ମୁଖ୍ୟଯନ୍ତ୍ରୀ

### ହଂସୁଆ ନଦୀରୁ ଅତଡ଼ା ଖସିବା ଘଟଣା

- ବସ୍ତା, ବାଲିବସ୍ତା ପକାଇ ଜୁଆରକୁ ଅଟକା ଯାଉଛି

ରାଜନଗର, ୧୮ (ଭାସ୍କର ରାଉତରାୟ)

ରାଜନଗର ନିକଟରେ ବହି ଯାଇଥିବା ହଂସୁଆ ନଦୀ ଏବେ ଉଗ୍ରମୁଖା ହୋଇଛି। ରାଜନଗର ବଜାର ନିକଟରେ ଥିବା ପଥର ପ୍ୟାକିଂକୁ ହଂସୁଆ ନଦୀର ଜୁଆର ତା'ଗର୍ଭକୁ ଟାଣି ନେଇଛି। ୩୦ ତାରିଖରେ ୧୫ ଫୁଟ ଚଉଡ଼ା ଓ ୫୦ ଫୁଟ ଲମ୍ବର ପଥର ପ୍ୟାକିଂ ଓ ପଠାକୁ ନଦୀ ତା ଗର୍ଭକୁ ଟାଣି ନେଇଥିବା ବେଳେ ୩ ଦିନ ଭିତରେ ପାଖାପାଖି ୮୦ ଫୁଟ ପଥର ପ୍ୟାକିଂକୁ ହଂସୁଆ ନଦୀ ତା' ଗର୍ଭସ୍ଥ କରିନେଇଛି। ହଂସୁଆ ନଦୀ ପାର୍ଶ୍ୱରୁ ପଥର ପ୍ୟାକିଂ ଖସିବା ରାଜନଗର ବ୍ଲକ ହେଡକ୍ୱାର୍ଟର ପ୍ରତି ବିପଦ ସୃଷ୍ଟି କରିଛି। ହଂସୁଆ ନଦୀ ନିକଟରେ ଥିବା ପରିବାର ଓ ବ୍ୟବସାୟୀଙ୍କୁ ଆତଙ୍କିତ ହୋଇ ପଡିଛନ୍ତି। ମଙ୍ଗଳବାର ଘଟଣାସ୍ଥଳରେ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ସହ ମୁଖ୍ୟଯନ୍ତ୍ରୀ ଇଂ. ରୋହିତ ସେଠୀ, ଅଧୀକ୍ଷଣ ଯନ୍ତ୍ରୀ ସୁବ୍ରତ କୁମାର ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ କ୍ଷୀରୋଦ ଚନ୍ଦ୍ର ମହାପାତ୍ର, ସହକାରୀ ଯନ୍ତ୍ରୀ ଭଞ୍ଜ ପ୍ରସାଦ ରାଉତ ପ୍ରମୁଖ ହଂସୁଆ ଆଁ ମୁହଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଯୁଦ୍ଧକାଳୀନ ଭିତ୍ତିରେ ପାରମ୍ପରିକ ଉପାୟରେ ସୋମବାର ସନ୍ଧ୍ୟାରୁ ବସ୍ତା ଓ ବାଲିବସ୍ତା ଦିଆଯାଇ ନଦୀ ଜୁଆରକୁ ଅଟକାଇବା ପାଇଁ ବ୍ୟବସ୍ଥା କରାଯାଉଛି। ଯେତେଶୀଘ୍ର ସମ୍ଭବ ପଥର ପ୍ୟାକିଂ ଧସିଥିବା ସ୍ଥାନରେ ବଡ଼ବଡ଼ ପଥର ପକାଯିବା ବୋଲି ନିଷ୍ପତ୍ତି ହୋଇଛି। ବିଧାୟକ ଓ ମୁଖ୍ୟଯନ୍ତ୍ରୀଙ୍କ ଗସ୍ତ ପରେ ସଙ୍ଗେ ସଙ୍ଗେ ନଦୀରେ ଲେବୁଲ ନିଆଯିବା ସହ ଡିପିଆର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ସହକାରୀ ଯନ୍ତ୍ରୀ ରାଉତ ସୂଚନା ଦେଇଛନ୍ତି।

ରାଜନଗର ଗାଁ ନିକଟରେ ହଂସୁଆ ନଦୀ ବହି ଯାଇଛି। ହଂସୁଆ ନଦୀ କୂଳ ଖାଇବା ଯୋଗୁଁ ହଂସୁଆ ସେତୁ ନିକଟରୁ ଗାଁ ଶେଷମୁଣ୍ଡ ଯାଏଁ ନଦୀ କୂଳେ କୂଳେ ୧୦ ବର୍ଷ ତଳେ ପଥର ପ୍ୟାକିଂ କରାଯାଇଥିଲା। ନଦୀ କୂଳେ କୂଳେ କିଛି ଲୋକଙ୍କ ବ୍ୟକ୍ତିଗତ ଘର ଥିବା ବେଳେ ଅନ୍ୟ ସ୍ଥାନରେ ବ୍ୟବସାୟୀମାନଙ୍କୁ ପ୍ରଶାସନ ପକ୍ଷରୁ ଥଇଥାନ କରାଯାଇଛି। ଯେଉଁ ସ୍ଥାନରେ ପ୍ୟାକିଂ ଧସିଛି, ସେ ସ୍ଥାନର ମାତ୍ର ୧୦ ଫୁଟ ଦୂରରେ ରାଜନଗର ପଞ୍ଚାୟତ ପକ୍ଷରୁ ନୂତନ ଶୌଚାଳୟ ନିର୍ମାଣ କରାଯାଇଛି। ୩ ଦିନ ତଳେ ଶୌଚାଳୟ ନିକଟରେ ୧୦ଫୁଟ ଲମ୍ବର ପଥର ପ୍ୟାକିଂ ଧସି ଯାଇଥିବା ଲୋକେ ଦେଖିଥିଲେ। ମାତ୍ର ଦିନ ପ୍ରାୟ ୧୨ଟା ବେଳେ ହଠାତ୍ ଜୁଆର ସମୟରେ ୫୦ଫୁଟ ଲମ୍ବ ଓ ୧୫ଫୁଟ ଚଉଡାର ପଥର ପ୍ୟାକିଂ ଓ ପଠାକୁ ନଦୀର ଜୁଆର ନଦୀ ଗର୍ଭକୁ ଟାଣି ନେଇଥିଲା। ପରେ ୩ଦିନ ମଧ୍ୟରେ ୮୦ଫୁଟ ଲମ୍ବର ପଥର ପ୍ୟାକିଂକୁ ହଂସୁଆ ତା' ଗର୍ଭକୁ ଟାଣି ନେଇଛି। ଏଥିସହ ଏବେ ମଧ୍ୟ ପଥର ପ୍ୟାକିଂର ଉପରି ଭାଗ ଓ ପଠା ଆଁ କରି ରହିଛି।



ବିଧାୟକ ଧ୍ରୁବ ସାହୁ ଓ ମୁଖ୍ୟଯନ୍ତ୍ରୀ ରୋହିତ ସେଠୀ ଅତଡା ଖସିଥିବା ସ୍ଥାନ ଦେଖୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨ ଅଗଷ୍ଟ, ୨୦୨୩

**ନୂତନ ଉପଖଣ୍ଡ ପୋଲିସ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ**

ଜି.ଉଦୟଗିରି (ପି.ସଞ୍ଜୀବ କୁମାର ପାତ୍ର): ନୂତନ ଉପଖଣ୍ଡ ପୋଲିସ ଅଧିକାରୀ ଭାବେ ବିଜୟ କୁମାର ବିଶି ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଅବସ୍ଥାପିତ ଉପଖଣ୍ଡ ପୋଲିସ ଅଧିକାରୀ ଡି ତିରୁପତି ରାଓ ପଟ୍ଟନାୟକ ଅବସର ପରେ ବିଜୟ କୁମାର ବିଶି ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି।



# ୧୨୩ ବର୍ଷର ଟ୍ରେଜେରି ଷ୍ଟ୍ରଙ୍ଗରୁମ୍ ଅସୁରକ୍ଷିତ

## ନୂଆ ନିର୍ମାଣ ପ୍ରସ୍ତାବ

ଛତ୍ରପୁର, ୧୮ (ସନ୍ତୋଷ ପାଢୀ)

ଗଞ୍ଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁରଠାରେ ଥିବା ୧୨୩ ବର୍ଷ ପୁରୁଣା ଜିଲା ଟ୍ରେଜରୀ ଅଫିସ ଷ୍ଟ୍ରଙ୍ଗରୁମ୍ ଅସୁରକ୍ଷିତ ହୋଇ ପଡିଛି। ଷ୍ଟ୍ରଙ୍ଗ୍ ରୁମ୍ ଛାତରୁ ପାଣି ଗଳୁଥିବାରୁ ବାରମ୍ବାର ମରାମତି କରାଯାଉଛି। ତଥାପି ଏଠାରେ ଥିବା ସରକାରୀ ସମ୍ପତି ନଷ୍ଟ ହେବା ଆଶଙ୍କା ଦେଖାଦେଇଛି । ତେଣୁ ଉକ୍ତ ଷ୍ଟ୍ରଙ୍ଗରୁମ୍‌କୁ ଭାଙ୍ଗି ନୂଆ ନିର୍ମାଣ କରିବା ନିହାତି ଆବଶ୍ୟକ ହୋଇପଡିଛି। ଏ ନେଇ ଜିଲା ଟ୍ରେଜରୀ ଅଫିସରଙ୍କ ପକ୍ଷରୁ ବ୍ରହ୍ମପୁରସ୍ଥିତ ରାସ୍ତା ଓ କୋଠାବାଡି ଡିଭିଜନ-୨ର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଗତ ୨୮ ତାରିଖରେ ଚିଠି ଲେଖି ଜଣାଇ ଦିଆଯାଇଛି। ଏଥିସହ ଷ୍ଟ୍ରଙ୍ଗରୁମ୍‌ର ସମ୍ପୂର୍ଣ୍ଣ ରିପୋର୍ଟ, ଭାଙ୍ଗିବା ଲାଗି ପ୍ରସ୍ତାବପତ୍ର, ସେଫ୍ଟି ସାର୍ଟିଫିକେଟ ଓ ନୂଆ ଷ୍ଟ୍ରଙ୍ଗରୁମ୍ ନିର୍ମାଣ ଲାଗି ପ୍ଲାନ୍ ଓ ଏଷ୍ଟିମେଟ୍ ଦେବାକୁ ଉକ୍ତ ଚିଠିରେ ଅନୁରୋଧ କରାଯାଇଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ନୂତନ ଷ୍ଟ୍ରଙ୍ଗରୁମ୍ ନିର୍ମାଣ କାର୍ଯ୍ୟ ଏହା ପୂର୍ବରୁ ସାରିବା ଆବଶ୍ୟକ ହେଇପଡ଼ିଛି ।



ଟ୍ରେଜେରି ଅଫିସ।

ଟ୍ରେଜରୀ ଅଫିସ ଷ୍ଟ୍ରଙ୍ଗରୁମ୍‌ର ଏଭଳି ସ୍ଥିତି ଓ ଏହାକୁ ଭାଙ୍ଗି ନୂତନ ଷ୍ଟ୍ରଙ୍ଗରୁମ୍ ନିର୍ମାଣ ନେଇ ଗଞ୍ଜାମ ଜିଲାପାଳ, ଏସ୍‌ପି, ରାଜ୍ୟ ଟ୍ରେଜରୀଜର ନିର୍ଦ୍ଦେଶକ ଓ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବଙ୍କୁ ମଧ ଚିଠି ଲେଖି ଟ୍ରେଜରୀ ଅଫିସର ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ, ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶ ଓ ପରେ ଅତିରିକ୍ତ ଜିଲାପାଳ ଟ୍ରେଜରୀ ଅଫିସକୁ ଆସି ଷ୍ଟ୍ରଙ୍ଗରୁମ୍ ପରିଦର୍ଶନ କରିଥିଲେ । ଉକ୍ତ ଷ୍ଟ୍ରଙ୍ଗରୁମ୍‌କୁ ଭାଙ୍ଗି ନୂଆ ନିର୍ମାଣର ଆବଶ୍ୟକତା ରହିଛି ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି ଆବଶ୍ୟକ ବୋଲି ଜଣାପଡିଥିଲା । ରାସ୍ତା ଓ କୋଠାବାଡି ବିଭାଗର ଯନ୍ତ୍ରୀମାନେ ମଧ ଷ୍ଟ୍ରଙ୍ଗରୁମ୍ ପରିଦର୍ଶନ କରି ଏହା ଅସୁରକ୍ଷିତ ଥିବା ସ୍ପଷ୍ଟ କରାଯାଇଥିଲା । ନୂତନ ଷ୍ଟ୍ରଙ୍ଗରୁମ୍ ନିର୍ମାଣ ପୂର୍ବରୁ ଉକ୍ତ ଷ୍ଟ୍ରଙ୍ଗ୍ ରୁମ୍‌ରୁ ସରକାରୀ ସମ୍ପତି ଓ କାଗଜପତ୍ରକୁ ଟ୍ରେଜରୀ ଅଫିସରେ ଥିବା ଅତିରିକ୍ତ ଷ୍ଟ୍ରଙ୍ଗରୁମକୁ ସ୍ଥାନାନ୍ତର କରାଯିବ। ଏହାପରେ ଅସୁରକ୍ଷିତ ଷ୍ଟ୍ରଙ୍ଗରୁମ୍ ଭାଙ୍ଗି ନୂଆ ନିର୍ମାଣ କରାଯିବ । ଷ୍ଟ୍ରଙ୍ଗରୁମ୍‌ର ସ୍ଥିତି ରିପୋର୍ଟ ଦେଲେ ଜିଲାପାଳଙ୍କୁ ଏ ସମ୍ପର୍କରେ ଅବଗତ କରାଯିବ । ଏଥିସହ ନୂତନ ଷ୍ଟ୍ରଙ୍ଗ ରୁମ୍ ନିର୍ମାଣ ପାଇଁ ପ୍ଲାନ୍ ଓ ଏଷ୍ଟିମେଟ୍ ଦେବାକୁ କୁହାଯାଇଛି । ଷ୍ଟ୍ରଙ୍ଗରୁମ୍‌ରେ ଥିବା ସରକାରୀ ସମ୍ପତି ଅତିରିକ୍ତ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର ପାଇଁ ସେଫ୍ଟି ସାର୍ଟିଫିକେଟ୍ ଆବଶ୍ୟକ ପଡୁଥିବାରୁ ରାସ୍ତା ଓ କୋଠାବାଡି ବିଭାଗକୁ ଦେବାକୁ ପଡିବ । ଏସବୁ ମିଳିବା ପରେ ସିକ୍ୟୁରିଟି ବିଟ୍ ଅର୍ଡର ପାଇଁ ଗଞ୍ଜାମ ଏସ୍‌ପିଙ୍କ ଠାରୁ ଅନୁମତି ଆଣିବାକୁ ପଡିବ ବୋଲି କୁହାଯାଇଛି ।

# ୨୦୮ କେଜି ଗଞ୍ଜେଇ ଜବତ, ୪ ଗିରଫ


ଗିରଫ ଅଭିଯୁକ୍ତ ସହ ଜବତ ଗଞ୍ଜେଇ।

ଚନ୍ଦ୍ରଗିରି/ମୋହନା, ୧୮ (ସୁକାନ୍ତ କୁମାର ରଥ/ମନ୍ମଥ ମିଶ୍ର)

ମୋହନା ପୋଲିସ ଚନ୍ଦ୍ରଗିରି ଓ ଅନ୍ତରବା ରାସ୍ତାରେ ପାଟ୍ରୋଲିଂ କରୁଥିବା ସମୟରେ ୪ ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆ ଧରାପଡ଼ିଛନ୍ତି। ସେମାନେ ହେଲେ କେରଳ ରାଜ୍ୟ ପାଲକଡ୍ ଜିଲା ପାଲକଡ୍ ଥାନା ଭେନାକର ଗ୍ରାମର ଅନୁପ୍ ସେଖରନ୍, ଟାଉନ୍ ସାଉଥ ପୋଲିସ ଥାନା କ୍ରିଙ୍ଗାରପଲ୍ଲୀ ଗ୍ରାମର ମିଥୁନ କୁମାର ଆର୍ ଏବଂ କରାଇକଡ୍ ଗ୍ରାମର ରାଜୁ ଏସ୍ ଓ ମନର୍କଡ୍ ଥାନା କୋରୁ ପାରାମ୍ବଲି ଗାଁର ସାଜୁ ଆବ୍ରାହମ୍।

ସୂଚନା ପ୍ରକାରେ, ଏମାନେ ମହିନ୍ଦ୍ରା କାର୍ ଯୋଗେ ବାଲିପଙ୍କ ଗାଁରୁ ଗଞ୍ଜେଇ କିଣି ଆଣିବା ପରେ ଚନ୍ଦ୍ରଗିରି ଅନ୍ତରବା ରାସ୍ତାରେ ଗୋଟିଏ କଣ୍ଟେନର୍ ଲୋଡ୍ କରି ଚେନ୍ନାଇ ନେବାପାଇଁ ବ୍ୟବସ୍ଥା କରୁଥିଲେ। ଏହି ସମୟରେ ପୋଲିସ ସେମାନଙ୍କୁ ସନ୍ଦେହ କରି ତଲାସୀ କରିବାରେ ୨୦୮ କେଜି ଗଞ୍ଜେଇ ଜବତ ହୋଇଥିଲା। ତାସହ ତାଙ୍କ ନିକଟରୁ ନଗଦ ୧ ଲକ୍ଷ ୫ ହଜାର ଟଙ୍କା,୬ ମୋବାଇଲ, ୬ ଏଟିଏମ, ୨ ୱାକିଟକି ସହ ସ୍ଥାନୀୟ ଅଞ୍ଚଳର ଗୋଟିଏ ବାଇକ୍‌କୁ ମଧ ଜବତ କରିଛି ପୋଲିସ। ଏନେଇ ମଙ୍ଗଳବାର ମୋହନା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଗଜପତି ଜିଲା ଅତିରିକ୍ତ ଏସପି ସୁନିଲ୍ କୁମାର ମହାନ୍ତି।

## ସଂକ୍ଷେପରେ

### ରାଜପଥ କଡ଼ରୁ ଯୁବକଙ୍କ ମୃତଦେହ ଠାବ

ଗୋପାଳପୁର, ୧୮ (ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ କଡ଼ରୁ ମଙ୍ଗଳବାର ଯୁବକଙ୍କ ମୃତଦେହ ପୋଲିସ ଠାବ କରିଛି। ସେ ହେଲେ ଆନ୍ଧ୍ରପ୍ରଦେଶ ରାଜ୍ୟ ଇଚ୍ଛାପୁର ଥାନା ଅଧୀନ ରତକନ୍ନ ଏମ ତିରୁପତି (୩୫)। ରତକାନ୍ନ ଏମ ତିରୁପତି ସୋମବାର ରାତିରେ ଚାଲି ଚାଲି କନିଷି ମାଉସୀ ଘରକୁ ଯାଉଥିବା ବେଳେ ଜାତୀୟ ରାଜପଥ ଗୋବିନ୍ଦନଗର ନିକଟରେ ଥିବା ଏକ ପେଟ୍ରୋଲ ପମ୍ପ ନିକଟରେ ଅଜଣା ଗାଡି ଧକ୍କା ଦେଇ ଚାଲି ଯାଇଥିଲା। ତିରୁପତି ରାସ୍ତା କଡ଼ରେ ପଡି ଗୁରୁତର ହେବା ସହ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ମୃତ ତିରୁପତିଙ୍କ ଭାଇଙ୍କ ଏତଲା କ୍ରମେ ଗୋଳନ୍ଥରା ପୋଲିସ ନଂ. ୩୬୯/୨୩ରେ ଦୁର୍ଘଟଣା ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାରକୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବା ପୋଲିସ ସୂଚନା ଦେଇଛି।

### ନୂତନ କଲେଜ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ

ପୋଲସରା, ୧୮ (ସୁବ୍ରତ ବେହେରା)

ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ନୂତନ ଅଧକ୍ଷ ଭାବେ ବନମାଳି ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ସେ ଗୋଦାବରୀଶ ମହାବିଦ୍ୟାଳୟର ଅଧକ୍ଷ ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ତାଙ୍କ ଦାୟିତ୍ୱ ଗ୍ରହଣ ସମୟରେ ବିଜ୍ଞାନ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଦିବାକର ମିଶ୍ର, ଅଧାପକ ପଦାର୍ଥ ବିଜ୍ଞାନ ବଳରାଜୁ ପାତ୍ର, ଇରାଜୀ ଅଧାପକ ରବୀନ୍ଦ୍ର ନାଥ ପାଳ, ଓଡ଼ିଆ ଅଧାପକ ବିରଞ୍ଚି ନାରାୟଣ ରଥ, ଦର୍ଶନ ଶାସ୍ତ୍ର ଅଧାପକ ଶିକ୍ ଫରିଦ୍, ଗଣିତ ଅଧାପକ ଉଷା ରାଜନ ଦାସ, ଓଡ଼ିଆ ଅଧାପିକା ଡା. ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ ଉପସ୍ଥିତ ରହି ସ୍ୱାଗତ କରିଥିଲେ।

### ଭୋଟର ସଚେତନତା କାର୍ଯ୍ୟକ୍ରମ

ବୁଗୁଡ଼ା, ୧୮ (କାଳି ଚରଣ ଦାଶ)

ବୁଗୁଡା ପିପୁଲ୍ସ କଲେଜ ସମ୍ମିଳନୀ କକ୍ଷରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ହରିକୃଷ୍ଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଡିଓ ବାସୁଦେବ ନାୟକ, ତହସିଲଦାର ତାପସ ରାଉତ, ଜିପିଇଓ ମନୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ନୂତନ ଭୋଟରଙ୍କ ଆବେଦନ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଇଥିଲେ।

### ଯୁକ୍ତ ୨ କଳା ଛାତ୍ରଙ୍କ ପ୍ରବେଶ ଉତ୍ସବ

କବିସୂର୍ଯ୍ୟନଗର, ୧୮ (କୃପାସିନ୍ଧୁ ସ୍ୱାଇଁ): ଏ. ବରିଡା ଗ୍ରାମରେ ଥିବା ଶ୍ରୀଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ କଳା ଛାତ୍ରଛାତ୍ରୀ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଯୋଗ ଦେଇଥିଲେ । ବିଜେଡି ଜିଲା ଜୋନ ଯୁବ ସଭାପତି ନଚିକେତା ସ୍ୱାଇଁ, କଲେଜ ଅଧକ୍ଷ ମହେଶ୍ୱର ପ୍ରଧାନ, ବ୍ଲକ ଅଧକ୍ଷା ଜ୍ୟୋର୍ତିମୟୀ ସ୍ୱାଇଁ, ବ୍ଲକ ଉପାଧକ୍ଷ ବୀରେନ୍ଦ୍ର ଖଟେଇ, ପରିଚାଳନା କମିଟି ସଭାପତି ନୀଳମାଧବ ପ୍ରଧାନ, ୫ନଂ ଜିଲା ପରିଷଦ ବଳରାମ ପ୍ରଧାନ, ବରିଡା ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ପିପିନା ସାହୁ, ବିଇଓ ଅଭିମନ୍ୟୁ ସାହୁ ମଞ୍ଚାସୀନ ଥିଲେ । ନୂତନ ବିଦ୍ୟାର୍ଥୀଙ୍କୁ ଚନ୍ଦନ, ଫୁଲ ଦେଇ ସ୍ୱାଗତ ଜଣାଇଥିଲେ।

# କିଶୋର ନ୍ୟାୟ ପରିଷଦ ହେଲା ପେପର ଲେସ୍

## ଭର୍ଚୁଆଲରେ ଉଦ୍‌ଘାଟନ କଲେ ହାଇକୋର୍ଟ ମୁଖ୍ୟ ବିଚାରପତି

ପାରଳାଖେମୁଣ୍ଡି (ଗିରିଧାରୀ ପରିଚ୍ଛା) ୧୮:

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ପୁରୁଣା କୋର୍ଟ ପରିସରରେ ଆଭାସୀ ମାଧ୍ୟମରେ କିଶୋର ନ୍ୟାୟ ପରିଷଦ ତଥା ଜୁଭେନାଇଲ ଜଷ୍ଟିସ କୋର୍ଟ ପେପର ଲେସ୍ ଭାବେ କାମ କରିବ। ଏହି କିଶୋର ନ୍ୟାୟ ପରିଷଦର ପେପର ଲେସ କାର୍ଯ୍ୟ ଶୁଭ ଉଦଘାଟନ କରିଛନ୍ତି ହାଇକୋର୍ଟର ମୁଖ୍ୟ ବିଚାରପତି ଡ଼. ଏସ. ମୂରଲୀଧର। ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ଗଜପତି ଜିଲା ଦୌରାଜଜ ପ୍ରଣବ କୁମାର ରାଉତରାୟ ଯୋଗଦେଇ ଫଳକ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ କିଶୋର ନ୍ୟାୟ ପରିଷଦ କାର୍ଯ୍ୟାଳୟରେ ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ନରୋତ୍ତମ ସେଠୀ, କିଶୋର ନ୍ୟାୟାଳୟ ପରିଷଦର ପ୍ରିନ୍ସିପାଲ ମାଜିଷ୍ଟ୍ରେଟ ସତ୍ୟବ୍ରତ ରାଣା, ବାର୍ କାଉନ୍ସିଲର ସଭାପତି ସିଦ୍ଧେଶ୍ୱର ମିଶ୍ର, ସମ୍ପାଦକ ଏମ. ପୃଥ୍ୱୀରାଜ ପ୍ରମୁଖ ଉପସ୍ଥିତ ଥିଲେ। ଏହି କୋର୍ଟ ମାଧ୍ୟମରେ ବିନା କାଗଜ ପତ୍ରରେ କାର୍ଯ୍ୟ ହେବା ସହ ଅନଲାଇନ ମାଧ୍ୟମରେ କୋର୍ଟ ପରିଚାଳନା କରାଯାଇ ପୀଡ଼ିତଙ୍କୁ ନ୍ୟାୟ ଦିଆଯାଇ ପାରିବ ବୋଲି କୁହାଯାଇଛି।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଚାର ବିଭାଗୀୟ ଅଧିକାରୀ ।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ରମ୍ଭା, ୧୮ (ବନବାସୀ ସେଠୀ)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଉଦଘାଟନ ଉତ୍ସବରେ ଅନୁଷ୍ଠାନର ପୂର୍ବତନ ସମ୍ପାଦକ ରାମଚନ୍ଦ୍ର ବାଡତ୍ୟା ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଉପସଭାପତି ସୁଦର୍ଶନ ତ୍ରିପାଠୀ, ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, କୋଷାଧକ୍ଷ ଡ଼ି. ପଦ୍ମଲୋଚନ ଆଚାରୀ, ସଂକୁଳ ସହ ଜିଲା ପ୍ରମୁଖ ବିପିନ ଚନ୍ଦ୍ର ପଟ୍ଟନାୟକ, ପୂର୍ବତନ ପ୍ରଧାନାଚାର୍ଯ୍ୟ ଗିରିଜା ପ୍ରସାଦ ରଥ ଓ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ଶ୍ରୀଧର ପ୍ରଧାନ, ବିଚାରକ ଭାବେ ବିଜ୍ଞାନ ଶିକ୍ଷୟିତ୍ରୀ ଅମିତା କୁମାରୀ ଡାକୁଆ, ସ୍ନେହାସ୍ମିତା ବେହେରା, ଏବଂ ବିଜ୍ଞାନ ଶିକ୍ଷକ ଶ୍ୟାମସୁନ୍ଦର ମହାପାତ୍ର, ଦେବେନ୍ଦ୍ର ନାହାକ, ରତିକାନ୍ତ ବେହେରା, କୃତିବାସ ନାହାକ, ମଧୁସୂଦନ ସାହୁ, ରାଜକିଶୋର ପଲାଇ, ଅରବିନ୍ଦ ପ୍ରଧାନ ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ସ୍ଥାନୀୟ ସମାଜସେବୀ ମନୋରଞ୍ଜନ ନାହାକ ଯୋଗଦାନ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣରେ ସହଯୋଗ କରିଥିଲେ।

# ଗଛ ପଡ଼ି ଭାଙ୍ଗିଲା ଏକାଧିକ ବିଦ୍ୟୁତ ଖୁଣ୍ଟ

## ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତ ଅନ୍ଧାରରେ

ଦାରିଙ୍ଗବାଡି, ୧୮ (ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ ସିମନବାଡି ଫିଡ଼ରରେ ସୋମବାର ରାତିରେ ବଡ଼ ବଡ଼ ଯୁକାଲ ପଟାସ ଗଛ ପଡି ଏକାଧିକ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ସହ ତାର ଛିଣ୍ଡି ବିଦ୍ୟୁତ୍ ସେବା ଅଚଳ ହୋଇପଡିଛି। ଏଥିପାଇଁ ଉକ୍ତ ଫିଡ଼ରର ସିମନବାଡି ସମେତ ଶ୍ରାନିକେତା, କିରିକୁଟି, ତିଲୋରୀ, ବୁଡ଼ାଗୁଡା, ଗୁମିକିଆ, କୋଟଗଡ଼ ବ୍ଲକ ପକାରୀ, ବାଲିଗୁଡା ବ୍ଲକ ରଡୁଙ୍ଗିଆ ଆଦି ପଞ୍ଚାୟତର ପ୍ରାୟ ପଚାର ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଗତ କିଛିଦିନ ହେଲା ଲଘୁଚାପଜନିତ ବର୍ଷା ଲାଗି ରହିଥିବା ବେଳେ ସିମନବାଡି ଫିଡ଼ର ବାରମ୍ବାର ଅଚଳ ହୋଇପଡୁଛି। ଦାରିଙ୍ଗବାଡିଠାରୁ ୧୧ କେଭି ବିଦ୍ୟୁତ୍ ସଂଯୋଗ ସିମନବାଡି ଫିଡ଼ରରେ ହୋଇଥିବା ବେଳେ ପ୍ରାୟ ୩ଟି ବ୍ଲକର ଦଶରୁ ଊର୍ଦ୍ଧ୍ୱ ପଞ୍ଚାୟତକୁ ଏହି ବିଦ୍ୟୁତ୍ ସଂଯୋଗ କରାଯାଇଛି। ଟିକିଏ ବର୍ଷା ପଡିବକ୍ଷଣି ବିଦ୍ୟୁତ୍ ଅଚଳ ହୋଇପଡୁଛି । ପ୍ରବଳ ବର୍ଷା କାରଣରୁ ମରାମତିରେ ବିଳମ୍ବ ହେଉଥିବା ବେଳେ ଜନ ଅସନ୍ତୋଷ ବୃଦ୍ଧି ପାଇଛି।

# କୋଭିଡ୍ ବିଲ୍ ମିଳି ନ ଥିବା ଅଭିଯୋଗ

ପାରଳାଖେମୁଣ୍ଡି, ୧୮ (ଗିରିଧାରୀ ପରିଚ୍ଛା):

କୋଭିଡ୍ ମହାମାରି ସମୟରେ କ୍ୱାରେଣ୍ଟାଇନରେ ଥିବା ପ୍ରବାସୀମାନଙ୍କୁ ଦିଆଯାଇଥିବା ଖାଦ୍ୟର ବକେୟା ବିଲ୍ ଆଜି ଯାଏଁ ମିଳିନଥିବା ଏକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଗୋଷାଣି ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗୋଷାଣି ବ୍ଲକ ଅନ୍ତର୍ଗତ ବାଘଶଳା ଗ୍ରାମରେ ଥିବା ମାଣିକାଣ୍ଡା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କୋଭିଡ ସମୟରେ କ୍ୱାରେଣ୍ଟାଇନରେ ରହୁଥିବା ପ୍ରବାସୀମାନଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରିଥିଲେ। ବାଘଶାଳା ପଞ୍ଚାୟତର ମହିଳା ସ୍ୱୟଂ ସହାହିକା ଗୋଷ୍ଠୀ ହୋଇଥିଲେ ମଧ ଅଗରଖଣ୍ଡି ପଞ୍ଚାୟତର ବାପୁଜୀପେଣ୍ଟ ଗ୍ରାମର ରାଧାଚରଣଦାସ ବାଳକ ଉଚ୍ଚ ବିଦ୍ୟାଳୟରେ ଖୋଲାଯାଇଥିବା ଅସ୍ଥାୟୀ କ୍ୱାରେଣ୍ଟାଇନ ସେଣ୍ଟରରେ ଥିବା ପ୍ରବାସୀମାନଙ୍କୁ ଦୁଇ ଓଳି ରନ୍ଧା ଖାଦ୍ୟ ସହ ଜଳଖିଆ, ଚାହା ଆଦି ଦୁଇ ମାସ ଧରି ଦେଇଥିଲେ। ସମୁଦାୟ ବିଲ ବାବଦକୁ ୨ଲକ୍ଷ ୭୦ ହଜାର ଟଙ୍କା ହୋଇଥିବା ସ୍ଥଳେ ୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଅବଶିଷ୍ଟ ୧ଲକ୍ଷ ୭୦ ହଜାର ଟଙ୍କା ପ୍ରଦାନ କରାଯାଇ ନ ଥିବା ଏବଂ ଏ ନେଇ ବାରମ୍ବାର ତତ୍କାଳୀନ ବିଡିଓ ଓ ଜିପିଓଙ୍କୁ ଅବଗତ କରାଇଥିଲେ ମଧ କୌଣସି ସୁଫଳ ମିଳୁନଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ସମସ୍ତ ରନ୍ଧା ଖାଦ୍ୟ ବାବଦରେ ବିଲ୍ ତତ୍କାଳୀନ ପିଇଓ ଲକ୍ଷ୍ମୀଧର କହଁରଙ୍କୁ ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ସେ ଅବସର ନେଇସାରିଛନ୍ତି। ତାଙ୍କ ନିକଟରେ ସମସ୍ତ ବିଲ୍ ସମ୍ବନ୍ଧୀୟ ଦସ୍ତାବିଜ ରହିଯାଇଛି । ଗୋଷାଣି ବିଡିଓ ଅଜୟ ପ୍ରଧାନ କହିଛନ୍ତି ଯେ, ଘଟଣାର ଅନୁସନ୍ଧାନ କରାଯିବ ଏବଂ ତତ୍କାଳୀନ ପିଇଓ ଏବଂ ବର୍ତ୍ତମାନର ପିଇଓଙ୍କୁ ଡକାଯିବା ପାଇଁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।



### ପିପୁଲ୍ସ କଲେଜର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ବୁଗୁଡ଼ା, ୧୮ (କାଳି ଚରଣ ଦାଶ)

ବୁଗୁଡା ପିପୁଲ୍ସ କଲେଜ ପକ୍ଷରୁ ସମ୍ମିଳନୀ କକ୍ଷରେ +୨ ବିଜ୍ଞାନ, କଳା ଓ ଧନ୍ଦାମୂଳକ ଶିକ୍ଷାର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ମୁଖ୍ୟ ଅଧାପକମାନଙ୍କ ମଧ୍ୟରୁ ପ୍ରଦୀପ କୁମାର ଦାଶ, ଜୟରାମ ବିଷୋୟୀ, ଅକ୍ଷୟ କୁମାର ସାହୁ, ସଞ୍ଜୟ କୁମାର ପ୍ରଧାନ, ଆତ୍ମପ୍ରକାଶ ନାୟକ, ଦିଲ୍ଲୀପ କୁମାର ସେଠୀ ଓ କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ପ୍ରମୁଖ ଯୋଗ ଦେଇ ନୂତନ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏଥି ସହ ନବାଗତ ଛାତ୍ରୀଛାତ୍ରଙ୍କ ପରିଚୟ ଗ୍ରହଣ ପୂର୍ବକ ସେମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରି ପରିଶେଷରେ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଜ୍ଞାନ ବିଜ୍ଞାନ ମେଳା



ମଞ୍ଚାସୀନ ଅତିଥି।

କବିସୂର୍ଯ୍ୟନଗର, ୧୮ (କୃପାସିନ୍ଧୁ ସ୍ୱାଇଁ):

ସ୍ଥାନୀୟ ସରସତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ରାମଚନ୍ଦ୍ର ସାହୁ ସଭାପତିତ୍ୱ କରିଥଲେ। ବିଇଓ ଅଭିମନ୍ୟୁ ସାହୁ ଦୀପ ପ୍ରଜ୍ୱଳନ କରିଥିଲେ। ଏବିଓ ଲକ୍ଷ୍ମଣ ଚନ୍ଦ୍ର ଜେନା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରାୟ ୧୯ ଜଣ ବିଜ୍ଞାନ ଓ ଗଣିତ ଶିକ୍ଷକ ବିଚାରକ ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ସଂପାଦକ ମିହିର କୁମାର ଶତପଥୀ ଆଜିର ବିଜ୍ଞାନ ଯୁଗରେ ଭାରତର ଅଂଶୀଦାରକୁ ଅତି ସୁନ୍ଦର ଭାବେ ବୁଝାଇଥିଲେ। ବିଦ୍ୟାଳୟର ବିଭିନ୍ନ ବର୍ଗରୁ ମୋଟ ୨୬୮ ଜଣ ଶିଶୁ ଭାଗ ନେଇଥିଲେ। ୫୬ ଜଣ ଶିଶୁ ଆସିକା ସଙ୍କୁଳକୁ ଚୟନ ହୋଇଛନ୍ତି। କାର୍ଯ୍ୟକ୍ରମରେ ସିଆରସିସି କିରଣ କୁମାର ଦାସ ଓ ରାମକୃଷ୍ଣ ସେଠୀ ଏବଂ ବିଦ୍ୟାଳୟର ଯୁଗ୍ମ ସଂପାଦକ ବୁଲୁ ପୋଲେଇ, ଉପସଭାପତି ବଂଶୀଧର ପ୍ରଧାନ, ସଦସ୍ୟା ମମତା ମୁନି, ଖବରଦାତା ସରୋଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଦାଶରଥି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

# ଭଲ ପ୍ରାର୍ଥୀ ସନ୍ଧାନରେ ୩ ଦଳ

## ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ

ପାରଳାଖେମୁଣ୍ଡି, ୧୮ (ଗିରିଧାରୀ ପରିଚ୍ଛା):

ଗଜପତି ଜିଲା ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ନିଜର ରାଜନୈତିକ ସ୍ଥିତି ସଜାଡ଼ିବା ଆରମ୍ଭ କଲେଣି। ପୂର୍ବରୁ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ କଂଗ୍ରେସର ଗଡ଼ ଥିଲା। ୨୦୦୯ରେ ଏହି ଗଡ଼ ଭାଙ୍ଗିବାରେ ସଫଳ ହାଇଥିଲା ଶାସକ ବିଜୁ ଜନତା ଦଳ। କଂଗ୍ରେସରୁ ୪ଥର ବିଧାୟକ ହୋଇଥିବା ସ୍ୱର୍ଗତ ତ୍ରିନାଥ ସାହୁ ୨୦୦୯ରେ ବର୍ତ୍ତମାନର ବିଧାୟକ କେ.ନାରାୟଣ ରାଓଙ୍କଠାରୁ ପରାସ୍ତ ହୋଇଥିଲେ। ୨୦୧୪ରେ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ପୁଣି କଂଗ୍ରେସ ହାତକୁ ଆସିଥିଲା। ସେହି ସମୟରେ କଂଗ୍ରେସରୁ କେ.ସୁରିୟା ରାଓ ପ୍ରତିଦ୍ୱନ୍ଦିତା କରି କେ .ନାରାୟଣ ରାଓଙ୍କୁ ପରାସ୍ତ କରିଥିଲେ। ୨୦୧୯ରେ ବିଜେଡି ନାରାୟଣଙ୍କ ଉପରେ ଆସ୍ଥା ନ ରଖି ପାରଳାଖେମୁଣ୍ଡି ରାଜଜେମାଙ୍କ ଉପରେ ଆସ୍ଥାରଖି ଦଳୀୟ ଟିକଟ ଦେଇଥିଲା। ହେଲେ ସେହି ସମୟରେ ନାରାୟଣ ବିଜେଡି ଛାଡ଼ି ଭାଜପାରେ ମିଶିଥିଲେ। ୨୦୧୯ ନିବାଚନରେ କିଛି ନୂଆ ଚେହେରାଙ୍କୁ ଦେଖିବାକୁ ମିଳିଥିଲା। ସ୍ୱାଧୀନ ପ୍ରାର୍ଥୀ ଭାବେ ହାଇଟେକ ଗ୍ରୁପର ଚେୟାରମ୍ୟାନ ତିରୁପତି ପାଣିଗ୍ରାହୀ ପ୍ରତିଦ୍ୱନ୍ଦିତା କରି ତିନି ପ୍ରମୁଖ ଦଳକୁ କଡ଼ା ଟକ୍କର ଦେଇଥିଲେ। ହେଲେ କେ. ନାରାୟଣ ରାଓ ଭାଜପାକୁ ବହୁମତରେ ବିଜୟୀ କରିପାରିଥିଲେ। କିନ୍ତୁ ବର୍ତ୍ତମାନ କିଛିଟା ଅଡୁଆ ପରିସ୍ଥିତି ଦେଇ ଗତିକରୁଛି ଶାସକ ବିଜେଡି ଓ କଂଗ୍ରେସ। କାରଣ କଂଗ୍ରେସର ବର୍ତ୍ତମାନ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ମଙ୍ଗ ଧରିବା ପାଇଁ କେହି ନେତା ବାହାରି ନାହାନ୍ତି। ସେପଟେ ଶାସକ ବିଜେଡିର ମଧ ସମାନ ପରିସ୍ଥିତି। କେବଳ ଭାଜପା ଚିତ୍ର ସ୍ପଷ୍ଟ ରହିଛି। ଶାସକ ବିଜେଡିର ଆଶାୟୀଙ୍କ ସଂଖ୍ୟା ଅଧିକ ରହିଛି। ସେହିପରି କଂଗ୍ରେସର ଅନେକ ନେତା ଶାସକ ଦଳ ସହ ହାତ ମିଶାଇଛନ୍ତି। ତେବେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ କଂଗ୍ରେସର ମଙ୍ଗ ଧରିବା ପରେ ଏବେ ୨୦୨୪ ପାଇଁ ଉପଯୁକ୍ତ ପାର୍ଥି ଖୋଜିବାରେ ଲାଗିଛି। ଏଠାରେ ପ୍ରାର୍ଥୀଙ୍କ ଭାବମୂର୍ତ୍ତୀ ହିଁ ଗୁରୁତ୍ୱ ବହନ କରିଥାଏ। ତେବେ ଆଗକୁ ୨୦୨୪ ନିର୍ବାଚନ ଥିବାରୁ ସମସ୍ତ ରାଜନୈତିକ ଦଳ ଲୋକଙ୍କ ବିଶ୍ୱାସଭାଜନ ହୋଇପାରୁଥିବା ନେତା ଖୋଜିବାରେ ବ୍ୟସ୍ତ।

# ନିର୍ମାଣର ବର୍ଷେ ଗଲାନି, ଭୁଶୁଡ଼ିଲା ସ୍କୁଲ ପାଚେରି

ଦାରିଙ୍ଗବାଡି, ୧୮ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବୁଡ଼ାଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୪୦ ରୁ୫୦ ଫୁଟ ପାଚେରୀ ଭୁଶୁଡି ଧରାଶାୟୀ ହୋଇଛ। ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ ଉଚ୍ଚ ବିଦ୍ୟାଳୟ ଗୁଡିକୁ ସ୍ମାର୍ଟ ସ୍କୁଲରେ ପରିଣତ କରୁଛନ୍ତି ଏଥିପାଇଁ ପଚାଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ଦେବା ସହ ଛାତ୍ରୀଛାତ୍ରଙ୍କ ସାମାଜିକ ସୁରକ୍ଷା ଦେବାପାଇଁ ବିଦ୍ୟାଳୟ ଚାରିପଟେ ସୁରକ୍ଷିତ ପାଇଁ ଲକ୍ଷ ଲକ୍ଷ ଅନୁଦାନ ଦେଇ ପାଚେରୀ ନିର୍ମାଣ କରୁଛନ୍ତି। ହେଲେ ଠିକାଦାର ଓ ସରକାରୀ ଯନ୍ତ୍ରୀଙ୍କ ବେପରୁଆ କାର୍ଯ୍ୟ ଯୋଗୁ ଦୀର୍ଘ ଦିନ ଯାଉନି କୋଉଠି ଦଶ ବର୍ଷରେ ଛାତ ଭୁଷୁଡୁଛି ତ କେଉଁଠି ବିଦ୍ୟାଳୟ ପାଚେରୀ ଭୁଶୁଡିବା ଘଟଣା ଅଞ୍ଚଳର ବିକାଶ ରେ ବଡ଼ କ୍ଷତି ଘଟୁଥିବା ନେଇ ଜନ ଅସନ୍ତୋଷ ଦେଖାଯାଇଛି। ଏଭଳି ରାଜ୍ୟ ସରକାର ଉକ୍ତ ବ୍ଲକର ବୁଡ଼ାଗୁଡା ଓ ସିମନବାଡି ଉଚ୍ଚ ବିଦ୍ୟାଳୟକୁ ପ୍ରଥମ ଥର ପାଇଁ ରୂପାନ୍ତିକରଣ ପାଇଁ ପଦକ୍ଷେପ ନିଆଯାଇଥିଲା କିନ୍ତୁ ବିଦ୍ୟାଳୟରେ ଟାଇଲ ଗୁଡିକ ଉଠି ପଡିବା ସହ ଏବେ ପାଚେରୀ ଭୁଶୁଡିଯାଇଛି। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ସାହୁଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ପାଚେରୀ ଭୁଶୁଡିବା ପରେ ବିଦ୍ୟାଳୟ ଭିତରେ ଗୋରୁ ବଳଦଙ୍କ ଉପଦ୍ର ବୃଦ୍ଧି ପାଇଛି ଏନେଇ ସେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇଛନ୍ତି। ସେପଟେ ମାତ୍ର ଏକ ବର୍ଷ ନ ପୂରୁଣୁ ପାଚେରି ଭାଙ୍ଗିବା ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । ଏନେଇ ବିଡିଓ ଗଦାଧର ପାତ୍ର ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରୁ ଦଶମ ପର୍ଯ୍ୟନ୍ତ ୨୨୫ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟ ରୂପାନ୍ତିକରଣ କରାଯାଇଥିଲେ ସୁଦ୍ଧା ଏବେ ମଧ କିଛି ଶ୍ରେଣୀକୋଠା ଗୁଡିକରୁ ବର୍ଷା ଜଳ ଗଳୁଛି ଫଳରେ ପଢ଼ାରେ ବ୍ୟାଘାତ ହେଉଛି ବୋଲି ଅଞ୍ଚଳବାସୀ କହିଛନ୍ତି।


ଭୁଶୁଡ଼ିଯାଇଥିବା ସ୍କୁଲ ପାଚେରି।

- ନିମ୍ନମାନ କାମର ତଦନ୍ତ ଦାବି
- ଲଗାଣ ବର୍ଷାରେ ବେହାଲ ବୁଡ଼ାଗୁଡା

# ଜିଲାବାସୀ ପ୍ରକଳ୍ପ ପ୍ରତିଶ୍ରୁତିରେ ଅଣନିଃଶ୍ୱାସୀ

- ୨ ଭୁଲିଲେଣି, ଆସୁଛି ଶିଳ୍ପ, ବନ୍ଦର, ରାଜପଥ
- ଆଶଙ୍କାରେ ଜୀବନ ଜୀବିକା, ଜାତୀୟ ଉଦ୍ୟାନ

କେନ୍ଦ୍ରାପଡ଼ା, ୧୮ (ଜଗନ୍ନାଥ ଧଳ)

ସାଧାରଣ ନିର୍ବାଚନ ପ୍ରସ୍ତୁତିରେ ରାଜ୍ୟର ବୃହତ ୩ ରାଜନୈତିକ ଦଳ ତତ୍ପର ହୋଇଛନ୍ତି। ବିଭିନ୍ନ ରଣନୀତି ବୈଠକରେ ପ୍ରସ୍ତୁତ ହେଉଥିବା ବେଳେ ସାଙ୍ଗଠନିକ କାର୍ଯ୍ୟକୁ ଗୁରୁତ୍ୱ ଦେଉଛନ୍ତି। ଅପରପକ୍ଷରେ ଅର୍ଥନୈତିକ ଅଭିବୃଦ୍ଧିରେ ରାଜ୍ୟର ୨୬ତମ ସ୍ଥାନରେ କେନ୍ଦ୍ରାପଡ଼ା ଜିଲା ଅଛି। ଅର୍ଥକରୀ ଫସଲ ଯୋଜନା ନ ଥିଲେ ମଧ୍ୟ କୃଷିଭିତ୍ତିକ ଅର୍ଥନୀତିରେ ଏହି ଜିଲା ପରିଚାଳିତ ହେଉଛି। ରାଜନେତାମାନେ ନିର୍ବାଚନ ସମୟରେ ଶିଳ୍ପ ବନ୍ଦର ନିର୍ମାଣ ପ୍ରତିଶ୍ରୁତି ଅଜାଡ଼ି ଦେଉଛନ୍ତି। ଶିଳ୍ପ ଦ୍ୱାରା ପ୍ରଗତି ହେବ ବୋଲି ସବୁଠି ପ୍ରଚାର ପ୍ରସାର ହେଉଛି। ବରୁଣେଇ ବନ୍ଦର ଓ ଅଳାଇଲୋଠାରେ ପାୱାର ଥର୍ମାଲ ପ୍ରତିଷ୍ଠା ନିର୍ବାଚନ ପ୍ରତିଶ୍ରୁତିକୁ ସ୍ଥାନୀୟ ଲୋକମାନେ ଭୁଲିଛନ୍ତି। ଏବେ ପେଲେଟ କାରଖାନା, ସିମେଣ୍ଟ କାରଖାନା, ପେଟ୍ରୋ କେମିକାଲ ପ୍ଲାଣ୍ଟ, ଉପକୂଳ ରାଜପଥ, ଜାତୀୟ ଜଳପଥ ୫, ଆଖଡାଶାଳୀରେ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ଆଦି ପ୍ରତିଷ୍ଠାକୁ ଜିଲାବାସୀ ଅନାଇ ରହିଛନ୍ତି।




ପ୍ରସ୍ତାବିତ ପେଟ୍ରୋକେମିକାଲ ପ୍ଲାଣ୍ଟର ମ୍ୟାପ୍।

ଜମି ଅଧିଗ୍ରହଣ, ଶିଳ୍ପ ପ୍ରତିଷ୍ଠା ପରେ ଜୀବନଜୀବିକା ଓ ଜାତୀୟ ଉଦ୍ୟାନର ପରିବେଶ ଉପରେ ପ୍ରଭାବ ସମ୍ପର୍କରେ କୌଣସି ସୂଚନା ସର୍ବସାଧାରଣରେ ପ୍ରକାଶିତ ହେଉନାହିଁ। ଯାହା ସ୍ଥାନୀୟ ଅଞ୍ଚଳରେ ଏକ ଆଶଙ୍କାରେ ପରିଣତ ହୋଇଛି।

୨୦୦୯ ସାଧାରଣ ନିର୍ବାଚନରେ ବରୁଣେଇ ବନ୍ଦର ହେବ ବୋଲି ପ୍ରଚାର ପ୍ରସାର ହୋଇଥିଲା। ସେହିପରି ୨୦୧୪ରେ ଅଳାଇଲେଠାରେ ଥର୍ମାଲ ପ୍ଲାଣ୍ଟ ନିର୍ମାଣ ପାଇଁ ଏମ୍‌ଓୟୁ ସହିତ ଜମି ଅଧିଗ୍ରହଣ ହୋଇଥିଲା। ଏହି ଜମି ଏବେ ପଡ଼ିଆ ପଡ଼ିଛି। ତେବେ ୨୦୧୯ ନିର୍ବାଚନ ପୂର୍ବ ଓ ପରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଖଡାଶାଳୀ ବନ୍ଦର, ପେଲେଟ ଉତ୍ପାଦନ ଶିଳ୍ପ, ସିମେଣ୍ଟ ଫାକ୍ଟେରି, ପେଟ୍ରୋ କେମିକାଲ ପ୍ଲାଣ୍ଟ, ଜାତୀୟ ଜଳପଥ ୫, ଉପକୂଳ ରାଜପଥ ଆଦି ପ୍ରକଳ୍ପ ନିର୍ମାଣ ହୋଇ ଜିଲା ଅର୍ଥନୀତିକୁ ଚଳଚଞ୍ଚଳ କରିବ ବୋଲି ପ୍ରତିଶ୍ରୁତି ମିଳିଛି। ଜାତୀୟ ଜଳପଥ ୫ ନିର୍ମାଣ ପାଇଁ ଜିଲାର ବହୁ ନଦୀ ନାଳରେ ଏବେ ସେତୁଟିଏ ହୋଇ ପାରୁନାହିଁ। ଶିଳ୍ପ ପ୍ରତିଷ୍ଠା ହେବ ଘୋଷଣା ପରେ ସାଧାରଣ ଜମିର ମୂଲ୍ୟ ଅହେତୁକ ବଢ଼ିଯାଇଛି। ପ୍ରତିଶ୍ରୁତିର ପାହାଡ଼ରେ ଜିଲାବାସୀ ଚାପି ହୋଇ କେବଳ ଅଣନିଃଶ୍ୱାସୀ ହୋଇଛନ୍ତି।

**– ପ୍ରତାପ କୁମାର ତ୍ରିପାଠୀ, ସାମାଜିକ କର୍ମୀ, ମହାକାଳପଡ଼ା**


ପ୍ରତାପ କୁମାର ତ୍ରିପାଠୀ


ଆକାଶ କୁମାର ଦାସ


ଜ୍ୟୋତିରଞ୍ଜନ ନାୟକ

ଶିଳ୍ପ ପ୍ରଗତିର ମାଧ୍ୟମ। ଏହାକୁ ଜିଲାବାସୀ ବିରୋଧ କରନ୍ତି ନାହିଁ। ତେବେ ପରିବେଶ ପ୍ରତି ଧ୍ୟାନ ରଖି ଏହି ପ୍ରକଳ୍ପ କରିବା ଆବଶ୍ୟକ। ଏହି ଜିଲାରେ ଜାତୀୟ ଉଦ୍ୟାନ ଭିତରକନିକା ଅଛି। ଏଠାରେ କେବଳ ଚିଙ୍ଗୁଡ଼ି, କୁମ୍ଭୀର ଓ ଦେଶୀ ବିଦେଶୀ ପକ୍ଷୀ ଠୁଳ ହେଉନାହାନ୍ତି। ବିଭିନ୍ନ ପ୍ରକାର ଔଷଧୀୟ ଗୁଳ୍ମ ସହ ବିସ୍ତୀର୍ଣ୍ଣ ହେନ୍ତାଳବଣ ଅଛି। ଶିଳ୍ପର ପ୍ରଦୂଷିତ ପରିବେଶ ଓ ଉଦ୍‌ବୃତ ଜଳ ହେନ୍ତାଳବଣକୁ ଧ୍ୱଂସ କରିବା ଶକ୍ତି ରଖିଛି। ଚିଙ୍ଗୁଡ଼ି ଘେରିରୁ ନିର୍ଗତ ରାସାୟନିକ ଦ୍ରବ୍ୟ, ଜଳ ସ୍ଥାନୀୟ ବନ୍ୟ ଓ ସାମୁଦ୍ରିକ ପରିବେଶକୁ ନଷ୍ଟ କରୁଛି। ଖରସ୍ରୋତାରୁ ମଧୁର ପାଣି ଭଦ୍ରକକୁ ଦେବା, ବୈତରଣୀ ଜଳକୁ ଯାଜପୁରଠାରେ ଆନିକଟ ମାଧ୍ୟମରେ ଅଟକାଇବା, ମହାନଦୀରେ ସନ୍ତରାଠାରୁ ୱାଟର ରିଜର୍ଭର ପ୍ରତିଷ୍ଠା ପାଇଁ ଯୋଜନା ପରେ ଏବେ ଶିଳ୍ପ ପାଇଁ ମହାନଦୀରୁ ମଧୁର ଜଳ ନିଆଯିବ। ଯାହା ସମୁଦ୍ରର ପ୍ରାଚୀର କୁହାଯାଉଥିବା ହେନ୍ତାଳବଣକୁ ନଷ୍ଟ କରିବ।

**– ଆକାଶ କୁମାର ଦାସ, ବୁଦ୍ଧିଜୀବୀ, କେନ୍ଦ୍ରାପଡ଼ା**

ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡର ଅଏଲ ରିଫାଇନାରୀ ପକ୍ଷରୁ ୨୮୪.୧୫ ବର୍ଗ କିମି (୨୮୪୧୫ ହେକ୍ଟର) ପରିଧି ମଧ୍ୟରେ ପେଟ୍ରୋଲିୟମ, କେମିକାଲସ ଆଣ୍ଡ ପେଟ୍ରୋ କେମିକାଲସ ଇନଭେଷ୍ଟମେଣ୍ଟ ରେଜିୟନ (ପିସିପିଆଇଆର) ପ୍ଲାଣ୍ଟ ନିର୍ମାଣ ଯୋଜନା ଅଛି। ସେହିପରି ଆର୍ସେଲ ମିତ୍ତଲ ପକ୍ଷରୁ ଷ୍ଟିଲ ପ୍ଲାଣ୍ଟ, ଉପକୂଳ ରାଜପଥ, ନଦୀ ଭିତ୍ତିକ ବନ୍ଦର ଯୋଜନା ରହିଛି। ପେଲେଟ ପ୍ଲାଣ୍ଟ ନିର୍ମାଣ ପରେ ଦୈନିକ ୬୨୦ ମିଲିୟନ ଲିଟର ମଧୁର ଜଳ ଆବଶ୍ୟକ ଥିବା ବେଳେ ମହାନଦୀରୁ ୩୨୯ ମିଲିୟନ ଲିଟର ଦୈନିକ ଉଠାଯିବାକୁ ଯୋଜନା ରହିଛି। ସେହିପରି ଶିଳ୍ପ ଓ ଘରୋଇ ନିର୍ଗତ ବ୍ୟର୍ଜବସ୍ତୁ, ବାୟୁ ପ୍ରଦୂଷଣ ଆଦି ସ୍ଥାନୀୟ ପରିବେଶକୁ ନଷ୍ଟ କରିବା ସମ୍ଭାବନା ଅଛି।

**– ଜ୍ୟୋତିରଞ୍ଜନ ନାୟକ, ସାମାଜିକ କର୍ମୀ, କେନ୍ଦ୍ରାପଡ଼ା**

## କେନାଲରେ ଆସିଲା ପାଣି, ଆରମ୍ଭ ହେଲା ଚାଷକାର୍ଯ୍ୟ



କାଏମା, ୧୮ (ଶିବପ୍ରସାଦ ମହାନ୍ତି): କେନାଲରେ ପାଣି ଆସିବା ପରେ ଧର୍ମଶାଳା ବ୍ଲକ୍ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚାଷକାର୍ଯ୍ୟ ଆରମ୍ଭ ହୋଇଛି। ବର୍ଷା ଅଭାବ ଓ କେନାଲରେ ପାଣି ଆସୁ ନ ଥିବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ମାତ୍ର କେତେଜଣ ଚାଷୀ ବର୍ଷାକୁ ଅପେକ୍ଷା ନ କରି ମୋଟର ସହାୟତାରେ ପାଣି ମଡ଼ାଇ ଧାନ ତଳି ପକାଇ ଥିଲେ। ଏବେ ପାଣି ଆସିବା ପରେ ଚାଷୀଙ୍କ ମଧ୍ୟରେ ଆନନ୍ଦ, ଉଲ୍ଲାସ ଓ ଆଗ୍ରହ ପ୍ରକାଶ ପାଇଛି। ନିଜ ଜମିରେ ପାଣି କିଭଳି ପହଞ୍ଚିବ ଚାଷମାନେ ସେ ବ୍ୟବସ୍ଥା କରୁଥିବା ଦେଖିବାକୁ ମିଳୁଛି।

## ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ଜଗତ୍‌ସିଂହପୁର, ୧୮ (ପ୍ରମୋଦ ନାୟକ)

ଜଗତ୍‌ସିଂହପୁର ଥାନା ଅଞ୍ଚଳରେ ୨୦୧୯ରେ ଜଣେ ୭ ବର୍ଷର ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ଏହି ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଏହାର ବିଚାର କରି ଜଗତ୍‌ସିଂହପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ଅଜୟ କୁମାର ମହାନ୍ତି ଅଭିଯୁକ୍ତ ତଥା ଏହି ଥାନା ଅନ୍ତର୍ଗତ ଯଶୋବନ୍ତପୁର ଗ୍ରାମର ଏସ୍‌କେ ମୁମତାଜ୍ ଅଲ୍ଲି ଓରଫ ଏସ୍‌କେ ମୁନୁ(୪୧)ଙ୍କୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦାୟ ହେଲେ ଅଧିକ ୪ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଓକିଲ ଦୋଳଗୋବିନ୍ଦ ଦାସ କହିଛନ୍ତି, ୩।୮।୧୯ ଅପରାହ୍ନରେ ନାବାଳିକା ଜଣକ ବିଦ୍ୟାଳୟରୁ ଫେରି ଘର ପାଖରେ ଥିବା ଏକ ଗଛ ନିକଟରେ ଖେଳୁଥିଲେ। ଏହି ସମୟରେ ବାପା ୧୦ ଟଙ୍କା ଦେଇଛନ୍ତି, ଆସ ନେଇଯିବ କହି ଅଭିଯୁକ୍ତ ମୁନୁ ନାବାଳିକାଙ୍କୁ ତାଙ୍କ ଘରକୁ ଡାକି ନେଇ ସେଠାରେ ବଳାତ୍କାର କରିଥିଲେ। ପୀଡ଼ିତା କାନ୍ଦିକାନ୍ଦି ଘରେ ପହଞ୍ଚି ଏ ସମ୍ପର୍କରେ ମା'ଙ୍କୁ ଜଣାଇଥିଲେ। ଏନେଇ ତାଙ୍କ ମା' ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହାକୁ ଭିତ୍ତିକରି ମାମଲା (ନଂ.୨୫୮/୧୯) ରୁଜୁ କରିଥିଲା। ଏହି ମାମଲାରେ ୧୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କାର ସହାୟତା ଯୋଗାଇଦେବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଥିବା ଓକିଲ ଦାସ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅମର


@ ସିଦ୍ଧାନ୍ତ


@ ମାନସ


@ ଲକ୍ଷ୍ମୀପ୍ରିୟା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରଥମ ଦିନର ଅନୁଭୂତି ବଖାଣିଲେ ଛାତ୍ରୀଛାତ୍ର

## ଯୁକ୍ତ ୨ କଲେଜରେ ପାଠପଢ଼ା ଆରମ୍ଭ

*ଧର୍ମଶାଳା, ୧୮ (ବଟକୃଷ୍ଣ ପରିଡ଼ା): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଲେଜ ଗୁଡ଼ିକରେ ମଙ୍ଗଳବାରଠାରୁ ପ୍ରଥମ ବର୍ଷର ପାଠପଢ଼ା ଆରମ୍ଭ ହୋଇଛି। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବେଶ୍ ଉତ୍ସାହ ପ୍ରକାଶ ପାଇଛି। ଧର୍ମଶାଳା ବ୍ଲକର ୮ ଯୁକ୍ତ ୨ କଲେଜର କଳା ଓ ବିଜ୍ଞାନରେ ସର୍ବାଧିକ ନମ୍ବର ରଖି ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ କଲେଜ ଜୀବନର ପ୍ରଥମ ଦିନର ଅନୁଭୂତିକୁ ନେଇ ଏଠାରେ ସ୍ୱତନ୍ତ୍ର ଉପସ୍ଥାପନା କରାଯାଇଛି।*



“ ଧର୍ମଶାଳା ଯୁକ୍ତ ୨ କଲେଜ ଜିଲାରେ ଏକ ଆଦର୍ଶ ଶିକ୍ଷାନୁଷ୍ଠାନ। ଆଜି କଲେଜ ଆସି ପୁରୁଣା ଓ ନୂଆ ସହପାଠୀଙ୍କ ସହ ପରିଚିତ ହେଲି। କଲେଜ ପରିବେଶ ମୋତେ ବହୁତ ଆନନ୍ଦ ଦେଉଛି। ମୁଁ ମାଟ୍ରିକ ପରୀକ୍ଷାରେ ୫୧୦ ମାର୍କ ରଖି ଯୁକ୍ତ ୨ କଳାରେ ନାମ ଲେଖାଇଥିବାରୁ କଲେଜର ଅଧ୍ୟକ୍ଷ, ଅଧ୍ୟାପିକା ଓ ଅଧ୍ୟାପକମାନେ ସ୍ୱାଗତ ଜଣାଇ ଯୁକ୍ତ ୨ ପରୀକ୍ଷାରେ ଅଧିକ ମାର୍କ ରଖିବାକୁ ପରାମର୍ଶ ଦେଇଛନ୍ତି। ସହପାଠୀଙ୍କ ସହ ବିଭିନ୍ନ କ୍ଲାସରୁମ ପରିଦର୍ଶନ କରିଛି। ଆଜିର ଦିନଟି ମୋ ପାଇଁ ସ୍ମରଣୀୟ ହୋଇରହିବ।

**–ରୂପାମ୍ବିକା ମିଶ୍ର, କଳା ଛାତ୍ରୀ**



“ ଧର୍ମଶାଳା ଯୁକ୍ତ ୨ କଲେଜରେ ଉତ୍ତମ ଶିକ୍ଷାଦାନ କରାଯାଉଥିବାରୁ ମୁଁ ମାଟ୍ରିକରେ ୫୧୮ ନମ୍ବର ରଖିଥିଲେ ମଧ୍ୟ ଏହି କଲେଜରେ ନାମ ଲେଖାଇଛି। ଏହି କଲେଜରୁ ପୂର୍ବ ବର୍ଷ ଗୁଡ଼ିକରେ ବିଶ୍ୱବିଦ୍ୟାଳୟସ୍ତରରେ ଅନେକ ଛାତ୍ରୀଛାତ୍ର ଟପ୍ପର ହୋଇଛନ୍ତି। ମୁଁ ନୂତନ ପୋଷାକରେ ପ୍ରଥମ ଦିନ କଲେଜ ଆସିଥିଲି। ଅଧ୍ୟକ୍ଷ, ଅଧ୍ୟାପିକା ଓ ଅଧ୍ୟାପକମାନେ ଅଧ୍ୟୟନ ଉପରେ ଗୁରୁତ୍ୱାରୋପ କରିଥିଲେ। କଲେଜର ସହପାଠୀଙ୍କ ସହ ମିଶିବା ସହ ପ୍ରଥମ ଦିନର ଅନୁଭୂତି ମୋତେ ବହୁତ ଆନନ୍ଦ ଦେଇଛି।

**–ଶୁଭକାନ୍ତ ବେହେରା, ବିଜ୍ଞାନ ଛାତ୍ର**



“ ମୁକୁନ୍ଦପାତ୍ର କଲେଜଟି ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଗ୍ରାମୀଣ ପରିବେଶ ମଧ୍ୟରେ ପ୍ରତିଷ୍ଠିତ। ପ୍ରଥମ ଦିନରେ କଲେଜ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ କଳା ଓ ବିଜ୍ଞାନ ଛାତ୍ରୀଛାତ୍ରମାନଙ୍କ ଇଣ୍ଡକ୍ସନ୍ କ୍ଲାସ ହୋଇଥିଲା। ଛାତ୍ରୀଛାତ୍ର ନିଜର ପରିଚୟ ସାହ ମାଟ୍ରିକ ପରୀକ୍ଷାରେ ରଖିଥିବା ମାର୍କ ସମ୍ପର୍କରେ ସୂଚନା ଦେଇଥିଲେ। ମୋ ପରିଚୟ ଦେବା ବେଳେ ଅଧ୍ୟକ୍ଷ ସୂଚନା ଦେଇଥିଲେ ଯେ, ମୁଁ ସର୍ବାଧିକ ୫୦୦ମାର୍କ ରଖି କଳାରେ ନାମ ଲେଖାଇଛି। ସହପାଠୀମାନେ ଟେବୁଲ ବାଡ଼େଇ ମୋତେ ସ୍ୱାଗତ ଜଣାଇଥିଲେ। ସହପାଠୀମାନଙ୍କ ସହ ମିଶିବା ଓ ପରିଚିତ ହେବା ମୋ ପାଇଁ କଲେଜର ପ୍ରଥମ ଦିନ ବହୁ ଆନନ୍ଦ ଦେଇଥିଲା।

**–ଅର୍ପିତା ମିଶ୍ର, କଳା ଛାତ୍ରୀ**



“ ମୁକୁନ୍ଦପାତ୍ର ଯୁକ୍ତ ୨ କଲେଜ ଏକ ଶସ୍ୟଶ୍ୟାମଳା ଚାଷ ଜମି ପରିବେଶରେ ଅବସ୍ଥିତ। କଲେଜରେ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ନୂତନ ଛାତ୍ରୀଛାତ୍ରଙ୍କ ଇଣ୍ଡକ୍ସନ କ୍ଲାସ ହୋଇଥିଲା। ଆମେ ଆମର ପରିଚୟ ପ୍ରଦାନ କରିଥିଲୁ। ମୁଁ ୫୨୩ ମାର୍କ ରଖି ବିଜ୍ଞାନରେ ନାମ ଲେଖାଇଥିବା ଅଧ୍ୟାପକ ସୂଚନା ଦେଇଥିଲେ। ଏନେଇ ମୋତେ ସମସ୍ତେ ସ୍ୱାଗତ ଜଣାଇଥିଲେ। ଅଧ୍ୟକ୍ଷ ଓ ଅଧ୍ୟାପକମାନେ ଅଧ୍ୟାବସାୟରେ ମନୋନିବେଶ କରିବା ପାଇଁ ପରାମର୍ଶ ଦେଇଥିଲେ। ସାରମାନେ ଦେଇଥିବା ଉପଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ କରିବି। ଆଜିର ଦିନ ମୋ ପାଇଁ ସ୍ମରଣୀୟ ହୋଇ ରହିବ।

**–ରାକେଶ ରଞ୍ଜନ ରାଉତ, ବିଜ୍ଞାନ ଛାତ୍ର**



“ ଶିକ୍ଷାନୁଷ୍ଠାନ ହେଉଛି ଦେବାଳୟ ତୁଲ୍ୟ। ଜେନାପୁର କଲେଜଟି ବ୍ରାହ୍ମଣୀ ନଦୀକୂଳରେ ଅବସ୍ଥିତ ହୋଇଥିବାରୁ ପରିବେଶ ବହୁ ଆନନ୍ଦ ଦାୟକ ଥିଲା। ମୁଁ ୪୮୬ ମାର୍କ ରଖି କଳାରେ ନାମ ଲେଖାଇଥିବାରୁ ନିଜକୁ ଧନ୍ୟମନେ କରୁଛି। ଆଜି ଅନୁଷ୍ଠିତ କ୍ଲାସରେ ସାର ସୂଚନା ଦେବା ପରେ ମୋ ସହପାଠୀ ମୋତେ କରତାଳି ମାରି ସ୍ୱାଗତ ଜଣାଇଥିଲେ। ଅଧ୍ୟକ୍ଷ ଓ ଅଧ୍ୟାପକମାନେ ଭଲ ପାଠ ପଢ଼ିବାକୁ ପରାମର୍ଶ ଦେଇଛନ୍ତି। ସହପାଠୀଙ୍କ ସହ ପରିଚିତ ହେବା ସହ ପ୍ରଥମ ଦିନର ଅନୁଭୂତି ବହୁତ ଆନନ୍ଦ ଦାୟକ ଥିଲା।

**–ଦୀପାଳି ସାହୁ, କଳା ଛାତ୍ରୀ**



“ ଧର୍ମଶାଳା ମହିଳା କଲେଜ ଦେଉଳୀ ପାହାଡ଼ ପାଦଦେଶରେ ଅବସ୍ଥିତ ହୋଇଥିବାରୁ ଏହା ସୁନ୍ଦର ପରିବେଶ ସୃଷ୍ଟି କରିଛି। ଅଧ୍ୟକ୍ଷାଙ୍କ ସୂଚନା ଅନୁସାରେ ପ୍ରବଳ ବର୍ଷା ସତ୍ତ୍ୱେ ମୁଁ ଆଜି କଲେଜକୁ ଆସିଥିଲି। ବହୁ ନୂତନ ଓ ପୁରାତନ ସହପାଠୀମାନଙ୍କ ସହିତ ମିଶିଥିଲି। କଲେଜ ଲାଇବ୍ରେରି, ରୁଟିନ ଓ କ୍ଲାସ ରୁମ ସମ୍ପର୍କରେ ଅବଗତ ହୋଇଥିଲି। ପ୍ରଥମ ଦିନର ଅନୁଭୂତି ମୋ ପାଇଁ ଚିରସ୍ମରଣୀୟ ହୋଇ ରହିବ।

**–ସନ୍ଧ୍ୟାରାଣୀ ସାମଲ, କଳାଛାତ୍ରୀ**



“ ଜାରକା କବାଟବନ୍ଧ ରାସ୍ତା ପାର୍ଶ୍ୱରେ ଗୋକର୍ଣ୍ଣିକା ଘରୋଇ କଲେଜରେ ପାଠ ପଢ଼ା ଚାଲିଛି। ଏଠାରେ କେବଳ ବିଜ୍ଞାନ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଆଜି କଲେଜ ଆସି ଅଧ୍ୟାପିକା, ଅଧ୍ୟାପକ ଓ ସହପାଠୀମାନଙ୍କ ସହ ପରିଚିତ ହେଲି। ମୁଁ ସ୍ଥାନୀୟ ଅଞ୍ଚଳର ଛାତ୍ରୀ। ଏଠାରେ ଭଲ ଶିକ୍ଷାଦାନ ଦିଆଯାଉଥିବାରୁ ୫୦୭ ମାର୍କ ରଖି ବିଜ୍ଞାନରେ ନାମ ଲେଖାଇଛି। ସହପାଠୀମାନେ ମୋତେ ସ୍ୱାଗତ କରିବା ବହୁତ ଆନନ୍ଦ ଦେଇଥିଲା। ଆଗାମୀ ଦିନରେ ଯୁକ୍ତ ୨ ପରୀକ୍ଷାରେ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହେବା ପାଇଁ ଅଧ୍ୟକ୍ଷ ଓ ଅଧ୍ୟାପକମାନେ ପରମର୍ଶ ଦେଇଛନ୍ତି।

**ସ୍ୱାତୀ ଚାନ୍ଦ, ବିଜ୍ଞାନ ଛାତ୍ରୀ**



“ ବଜ୍ରଗିରି କଲେଜ ଜଙ୍ଗଲଘେରା ପାହାଡ଼ ଉପରେ ପ୍ରତିଷ୍ଠିତ ହୋଇଥିବାରୁ ଏହା ବକୁଳବନ ପରି ଶୋଭାପାଉଛି। ମୁଁ କଲେଜ ଯାଇ ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ ଓ ସହପାଠୀମାନଙ୍କ ସହ ମିଶିଥିଲି। ଏଠାରେ ଭଲ ପାଠ ପଢ଼ା ହେଉଥିବାରୁ ମୁଁ ୪୯୯ ମାର୍କ ରଖି କଳାରେ ନାମ ଲେଖାଇଛି। ସହପାଠୀଙ୍କ ସହ ଲାଇବ୍ରେରିରୁ ରୁଟିନ ଆଣିବା ସହ କ୍ଲାସରୁମ ଗୁଡିକ ବୁଲି ଦେଖିଥିଲି। ଅଧ୍ୟାପକମାନେ ବହୁତ ଉପଦେଶ ଦେଇଛନ୍ତି। ତାହାକୁ କାର୍ଯ୍ୟକାରି କରିବା ପାଇଁ ଉଦ୍ୟମ କରିବି।

**–ଯଶବନ୍ତ ରାଉତ, କଳା ଛାତ୍ର**



“ ବଜ୍ରଗିରି କଲେଜଟି ପାହାଡ଼ ଜଙ୍ଗଲଘେରାରେ ଅବସ୍ଥିତ ହୋଇଥିବାରୁ ସ୍ୱତନ୍ତ୍ର ପରିବେଶ ସୃଷ୍ଟି କରିଛି। ମୁଁ ୫୬୮ ମାର୍କ ରଖି ଏଠାରେ ଯୁକ୍ତ ୨ ବିଜ୍ଞାନରେ ନାମ ଲେଖାଇଛି। ଆଜି କଳା ଓ ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱାଗତ ଉତ୍ସବ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆମେ ଆମର ପରିଚୟ ପ୍ରଦାନ କରିଥିଲୁ। ମୁଁ ସର୍ବାଧିକ ମାର୍କ ରଖି ଏଠାରେ ନାମ ଲେଖାଇଥିବା ଅଧ୍ୟକ୍ଷ ସୂଚନା ଦେଇଥିବାବେଳେ ସହପାଠୀମାନେ ଟେବୁଲ ବାଡ଼େଇ ସ୍ୱାଗତ କରିଥିଲେ। ଉତ୍ତମ ଛାତ୍ର ହୋଇ ଭଲ ପାଠ ପଢ଼ି କଲେଜର ନାମ ରଖିବି। ସେଥିପାଇଁ ଅଧ୍ୟାପକମାନେ ପରାମର୍ଶ ଦେଇଥିଲେ। କଲେଜର ପ୍ରଥମ ଦିନ ମୋ ପାଇଁ ସ୍ମରଣୀୟ ହୋଇରହିବ।

**–ଚିନ୍ମୟ ପତି, ବିଜ୍ଞାନ ଛାତ୍ର**



“ ଜାରକାସ୍ଥିତ ରେନେସାଂ କଲେଜରେ ଆଜି ପ୍ରଥମ ଦିନ ବହୁତ ଭଲ ଲାଗିଲା। ଏହା ଏକ ଆଦର୍ଶ କଲେଜ। ଏଠାରେ ଉନ୍ନତମାନର ଶିକ୍ଷାଦାନ କରାଯାଉଛି। କଲେଜର ପ୍ରଥମ ଦିନରେ ନୂଆ ଓ ପୁରୁଣା ସାଙ୍ଗମାନଙ୍କ ସହ ମିଶିବା ଜୀବନର ଏକ ଅଭୁଲା ଅନୁଭୂତି ଥିଲା। ପ୍ରଥମ ଦିନରେ ଆମ କଲେଜର ସମ୍ପାଦକ ଓ ଅଧ୍ୟକ୍ଷ ଉତ୍ତମ ଛାତୀ ହେବା ପାଇଁ ମାର୍ଗଦର୍ଶନ କରିଥିଲେ। ଏହି କଲେଜ ପାଠପଢ଼ା କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବାରୁ ମୁଁ ୫୫୫ ମାର୍କ ରଖି ବିଜ୍ଞାନରେ ନାମ ଲେଖାଇଛି। ପ୍ରଥମ ଦିନର ଅନୁଭୂତି ମୋ ପାଇଁ ନିଆରା ଥିଲା।

**–ବିଦ୍ୟୁସ୍ମିତା ବେହେରା, ବିଜ୍ଞାନ ଛାତ୍ରୀ**



“ ଜଗନ୍ନାଥଜୀଉ କଲେଜ ୫୩ନଂ. ଜାତୀୟ ରାଜପଥର ଏକ ଛୋଟ ପାହାଡ଼ ତଳେ ଅବସ୍ଥିତ। ଆଜି ମୁଁ ଭୀଷଣ ବର୍ଷା ସତ୍ତ୍ୱେ କଲେଜକୁ ଆସିଥିଲି। ମାତ୍ର ସାର ଓ ସହପାଠୀମାନଙ୍କ ସହିତ ମିଶିବା ପରେ ବହୁତ ଆନନ୍ଦ ଲାଗିଲା। ମାଟ୍ରିକ ପରୀକ୍ଷାରେ ମୁଁ ୪୮୯ ନମ୍ବର ରଖି ନାମ ଲେଖାଇଥିବାରୁ ସାର ଓ ସହପାଠୀମାନେ ଶୁଭେଚ୍ଛା ଜଣାଇଥିଲେ। ଅଧ୍ୟାପନାରେ ଉତ୍ତମ ଛାତ୍ରୀ ହୋଇ କଲେଜର ନାମ ଓ ବାପାମା'ଙ୍କ ନାମ ରଖିବାକୁ ସାର ମୋତେ ପରାମର୍ଶ ଦେଇଛନ୍ତି। ପ୍ରଥମ ଦିନରେ ସାର୍‌ମାନେ ଦେଇଥିବା ପରାମର୍ଶକୁ କାର୍ଯ୍ୟକାରୀ କରିବାକୁ ଶପଥ ନେଉଛି। କଲେଜର ପ୍ରଥମ ଦିନ ସହପାଠୀଙ୍କ ସହ ମିଶିବା ମୋତେ ଆନନ୍ଦ ଦେଇଛି।

**ଲିଜାରାଣୀ ଜେନା, କଳାଛାତ୍ରୀ**



“ ଜଗନ୍ନାଥଜୀଉ କଲେଜ ଜାତୀୟ ରାଜପଥ ଓ ପାହାଡ଼ ପାଦଦେଶରେ ଅବସ୍ଥିତ। ମୁଁ ୫୫୫ ମାର୍କ ରଖି ପାସ୍‌କରି ଏହି କଲେଜରେ ବିଜ୍ଞାନରେ ନାମ ଲେଖାଇଥିବାରୁ ବିଭାଗୀୟ ଅଧ୍ୟାପକ, ଅଧ୍ୟାପିକା ଓ ସହପାଠୀମାନେ ସ୍ୱାଗତ ଜଣାଇଥିଲେ। ଅଧ୍ୟକ୍ଷ ଓ ଅଧ୍ୟାପକମାନେ ମୋର ଉତ୍ତରୋତ୍ତର କାମନା କରିଥିଲେ। କଲେଜର ପରିବେଶ ମୋତେ ବହୁତ ଆନନ୍ଦ ଦେଇଛି। ମୋ ପାଇଁ ଆଜିର ଦିନଟି ନିଆରା ଥିଲା।

**–ଦିବ୍ୟପ୍ରିୟ ଦର୍ଶନୀ ସିଂ, ବିଜ୍ଞାନ ଛାତ୍ରୀ**

## ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ଅର୍ଦ୍ଧେନ୍ଦୁଙ୍କ ସଫଳତା



ବଡ଼ଚଣା, ୧୮ (ଦିଲୀପ କୁମାର ମହାନ୍ତି): ଓଡ଼ିଶା ପବ୍ଲିକ ସର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ୨୦୨୦-୨୧ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ଫଳ ପ୍ରକାଶପାଇଛି। ଏଥିରେ ବଡ଼ଚଣା ମାଟିକୁ ଗୌରବାନ୍ୱିତ କରିଛନ୍ତି ବଡ଼ଚଣା ବ୍ଲକ୍ ଅଣକା ଗ୍ରାମର ଶିକ୍ଷକ ଅକ୍ଷୟ କୁମାର ନାୟକ ଓ ପୁଷ୍ପଲତା ନାୟକଙ୍କ ପୁତ୍ର ଅର୍ଦ୍ଧେନ୍ଦୁ କୁମାର ନାୟକ। ଏହି ପରୀକ୍ଷାରେ ସେ ୨୧୩ ନମ୍ବର ସ୍ଥାନ ଅଧିକାର କରିଛନ୍ତି। ଅର୍ଦ୍ଧେନ୍ଦୁ ଦାମୋଦର ଜୀଉ ବିଦ୍ୟାପୀଠରେ ମାଟ୍ରିକ ପାସ ପରେ ଭବାନୀପାଟଣା କଲେଜରେ ଯୁକ୍ତ ୩ ଅଧ୍ୟୟନ କରିଥିଲେ। ବର୍ତ୍ତମାନ ସେ ଧର୍ମଗଡ଼ଠାରେ ସହକାରୀ କୃଷି ଅଧିକାରୀ ରୂପେ କାର୍ଯ୍ୟରତ। କଠିନ ଅଧ୍ୟବସାୟ ନିଷ୍ଠା, ଏକାଗ୍ରତା ତଥା ଗୁରୁଜନମାନଙ୍କ ଆଶୀର୍ବାଦ ପାଇଁ ଏହି ସଫଳତା ମିଳିଛି ବୋଲି ଅର୍ଦ୍ଧେନ୍ଦୁ ପ୍ରକାଶ କରିଛନ୍ତି। ଭବିଷ୍ୟତରେ ଜଣେ ପ୍ରଶାସନିକ ଅଧିକାରୀ ହୋଇ ସମାଜର ନିମ୍ନସ୍ତରରେ ଥିବା ଅବହେଳିତ, ନିଷ୍ପେଷିତ ଓ ନିର୍ଯାତିତ ଲୋକମାନଙ୍କ ସେବା କରିବାକୁ ସେ କହିଛନ୍ତି। ଏହି ସଫଳତା ପରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, କ୍ୟାପଟେନ୍ ରାଜନାରାୟଣ ମହାପାତ୍ର ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ୩ ମାସରେ ୫୨ ପଜିଟିଭ୍

- କାୟା ବିସ୍ତାର କରୁଛି ମ୍ୟାଲେରିଆ
- ରାୟଗଡ଼ାରୁ ଫେରିବା ପରେ ହେଉଛନ୍ତି ଆକ୍ରାନ୍ତ
- ଦଶପଲ୍ଲାରୁ ରୋଗ ବିଲୋପ ହୋଇପାରୁନି

ନୟାଗଡ଼,୧୮ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ମ୍ୟାଲେରିଆ ରୋଗ ପୁଣି ତା'ର କାୟା ବିସ୍ତାର କରୁଛି । ୩ ମାସରେ ୫୨ ପଜିଟିଭ୍ ଚିହ୍ନଟ ହୋଇ ସାରିଲେଣି । ରାୟଗଡ଼ାକୁ ଯାଇ ଫେରିବା ପରେ ଅନେକ ଲୋକ ମ୍ୟାଲେରିଆରେ ଆକ୍ରାନ୍ତ ହେଉଥିବା ଜଣାପଡିଛି । ପୁଣି ଦଶପଲ୍ଲାରେ ମ୍ୟାଲେରିଆକୁ ବିଲୋପ କରାଯାଇ ପାରୁନି । ଏଣୁ ପୁଣି ମ୍ୟାଲେରିଆ ରୋଗ ଚିନ୍ତାର କାରଣ ପାଲଟିଛି।

ବଣ ପାହାଡ଼ ଘେରା ନୟାଗଡ଼ ଜିଲାରେ ମ୍ୟାଲେରିଆ ରୋଗ ଘାତକ ସାଜିଥିଲା। ଜିଲାର ବହୁ ଲୋକ ଏଥିରେ ଆକ୍ରାନ୍ତ ହୋଇ ପ୍ରାଣ ହରାଉଥିଲେ। ଏଥିପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରି ରୋଗକୁ ମୂଳୋତ୍ପାଟନ ପାଇଁ ଉଦ୍ୟମ କରିବା ପରେ ଧିରେ ଧିରେ ରୋଗ କମିଥିଲା। ମୃତକଙ୍କ ସଂଖ୍ୟା ସହିତ ଅସୁସ୍ଥଙ୍କ ସଂଖ୍ୟା କମିବାରେ ଲାଗିଲା। ତେବେ କିଛି ଦିନ ପରେ ପୁଣି ମ୍ୟାଲେରିଆ ରୋଗ ଚିନ୍ତାର କରଣ ପାଲଟିଲାଣି। ଗତ ଏପ୍ରିଲ ମାସରେ ୧୧ ପଜେଟିଭ୍ ରୋଗୀ ଚିହ୍ନଟ ହୋଇଥିବାବେଳେ ଏଥିରୁ ୮ଜଣ ରାୟଗଡ଼ା ଯାଇ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ମେ'ମାସରେ ପୁଣି ଆକ୍ରାନ୍ତ ୧୯ରୁ ୧୭ଜଣ ରାୟଗଡ଼ା ଫେରନ୍ତା ବୋଲି ଜଣାପଡିଛି । ସେହିପରି ଜୁନ୍‌ରେ ମଧ୍ୟ ୨୨ ପଜିଟିଭ୍ ରୋଗୀ ଚିହ୍ନଟ ହୋଇଛନ୍ତି। ଏଥିରୁ ୧୮ ଜଣ ରାୟଗଡ଼ା ଅଞ୍ଚଳକୁ ଯାଇଥିବା ଜଣାପଡିଛି। ପେଟ ପୋଷିବା ଉଦ୍ଦେଶ୍ୟରେ କେତେଜଣ ଲୋକ ରାୟଗଡ଼ା ଯାଇ ମ୍ୟାଲେରିଆକୁ ସାଥିରେ ଆଣିଥିବା କୁହାଯାଉଛି। ଅନ୍ୟପକ୍ଷେ ଅଧିକାଂଶ ଲୋକ ଦଶପଲ୍ଲା ଅଞ୍ଚଳକୁ ଯାଇ ଆକ୍ରାନ୍ତ ହେଉଛନ୍ତି। ଦଶପଲ୍ଲାରେ ମ୍ୟାଲେରିଆ ନିୟନ୍ତ୍ରଣ ହୋଇ ପାରୁ ନ ଥିବା ଜଣାପଡୁଛି। ଜଣେ ମ୍ୟାଲେରିଆ ରୋଗୀ କୁହନ୍ତି, ରାୟଗଡ଼ା ଯାଉଥିବା ସବୁ ଲୋକ ମ୍ୟାଲେରିଆରେ ଆକ୍ରାନ୍ତ ହେଉ ନାହାନ୍ତି । ଅଳ୍ପ ଲୋକ ଆକ୍ରାନ୍ତ ହେଉଛନ୍ତି। ସରକାର ରାୟଗଡ଼ାକୁ ମଧ୍ୟ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବା ଆବଶ୍ୟକ। ସେହିପରି ଦଶପଲ୍ଲା ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ହେବା ଦରକାର ବୋଲି କହିଛନ୍ତି। ଅନ୍ୟପକ୍ଷେ ନୟାଗଡ଼ରେ ଅଳ୍ପ ଲୋକ ମ୍ୟାଲେରିଆରେ ଆକ୍ରାନ୍ତ ହେଉଛନ୍ତି। ସେମାନେ କାହିଁକି ମ୍ୟାଲେରିଆରେ ଆକ୍ରାନ୍ତ ହେଉଛନ୍ତି ଜଣାପଡୁନି। ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସବୁ ଠିକ୍ ଚାଲିଛି ବୋଲି କୁହାଯାଉଛି।

ଦଶପଲ୍ଲାର ସୁଦାମ ପ୍ରଧାନ କୁହନ୍ତି, ମ୍ୟାଲେରିଆ ରୋଗ ପୁଣି କାୟା ବିସ୍ତାର କରୁଛି। ଯଦିଓ ରୋଗ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି ଏହା ଜଣା ପଡୁନି । ଅଣଦେଖା କଲେ ପୁଣି ବ୍ୟାପିବାରେ ଲାଗିବ। ରାୟଗଡ଼ା ଓ ଦଶପଲ୍ଲା ଯାଉଥିବା ଲୋକମାନେ ମ୍ୟାଲେରିଆକୁ ଥଣ୍ଡା ଜ୍ୱର ଭାବି ଚିକିତ୍ସାରେ ଅବହେଳା କରୁଛନ୍ତି। ଏଣୁ ରୋଗ ବଢ଼ିବାର ଭୟ ରହିଛି। ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେଲେ ପୁଣି ରୋଗ ବଢ଼ିପାରେ ବୋଲି ସେ କହିଛନ୍ତି। ମ୍ୟାଲେରିଆ ଅଫିସର ଡାକ୍ତର ତାରକ ପ୍ରସନ୍ନ ତ୍ରୀପାଠୀ କୁହନ୍ତି, ଦଶପଲ୍ଲାରେ ମ୍ୟାଲେରିଆର ପ୍ରଭାବ ରହୁଛି। ତେବେ ଏହାକୁ ଦମନ ପାଇଁ ପଦକ୍ଷେପ ନିଆଯାଉଛି। ଦଶପଲ୍ଲାକୁ ଛାଡି ନୟାଗଡ଼ ଜିଲାରେ ମ୍ୟାଲେରିଆ ନିୟନ୍ତ୍ରଣରେ ରହିଛି। ରାୟଗଡ଼ାରୁ ଅଧିକାଂଶ ଲୋକ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ଫେରୁଛନ୍ତି। ସେମାନଙ୍କୁ ଚିହ୍ନଟ କରି ରୋଗକୁ ମୂଳୋତ୍ପାଟନ କରାଯାଉଛି। ବର୍ତ୍ତମାନ ସ୍ଥିତି ଭଲ ଅଛି ବୋଲି ସେ କହିଛନ୍ତି ।



ମ୍ୟାଲେରିଆ ନିରୂପଣ କରୁଥିବା ଯନ୍ତ୍ର ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ

ନୂଆଗାଁ,୧୮ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହିପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିବର୍ତ୍ତିତ ହୋଇଛି। ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ପାଠପଢା ଆରମ୍ଭ ହୋଇଛି। ଏହି ଅବସରରେ ମଙ୍ଗଳବାର ଛାତ୍ରୀଛାତ୍ର ଓ ଅଧ୍ୟାପକମାନଙ୍କୁ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ ଏକ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜ୍ୟର ସମଗ୍ର ଶିକ୍ଷା ଯୋଜନା ତରଫରୁ ଚଳିତ ବର୍ଷ ସାରା ରାଜ୍ୟରେ ୧୧୦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶୁଭାରମ୍ଭ କରାଯାଇଛି। ସେଥିମଧ୍ୟରୁ ନୟାଗଡ଼ ଜିଲାରେ ମହିପୁର ନୋଡାଲ ଉଚ୍ଚ ବିଦ୍ୟାଳୟକୁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିବର୍ତ୍ତନ କରାଯାଇଛି। ଚଳିତ ବର୍ଷ ଉକ୍ତ ବିଦ୍ୟାଳୟର ପ୍ରଥମ ବର୍ଷରେ ୧୨୮ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି ସେମାନଙ୍କ ଅଧ୍ୟୟନ ପାଇଁ ଓଡିଆ, ଇଂଲିଶ , ରାଜନୀତି ବିଜ୍ଞାନ , ଇତିହାସ , ଅର୍ଥନୀତିଓ ତର୍କଶାସ୍ତ୍ର ଆଦି ୬ ବିଷୟ ରହିଛି । ସେହି ଅନୁସାରେ ଅଧ୍ୟାପକମାନଙ୍କୁ ନିଯୁକ୍ତି ଦିଆଯାଇଛି। ସ୍ୱାଗତ ଉତ୍ସବରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖାଇଥିବା ଛାତ୍ରୀଛାତ୍ର ଓ ଅଧ୍ୟାପକମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଉକ୍ତ ଉତ୍ସବରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନୂଆଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ଜିଲା ପରିଷଦ ସଭ୍ୟଙ୍କ ପ୍ରତିନିଧି ଦିଲୀପ ଦଳବେହେରା, ମୋ ସ୍କୁଲର ସଭାପତି ଲଡୁ କିଶୋର ଦାଶ , ନୂତନ ଭାବେ ଗଠିତ ହୋଇଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କମିଟିର ସଭାପତି ସୁଦର୍ଶନ ସିଂ , ନୟାଗଡ଼ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ , ପ୍ରଧାନ ଶିକ୍ଷକ ନିରଞ୍ଜନ ଦାଶ , ମହିପୁର ସରପଞ୍ଚ ତ୍ରିନାଥ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର , ନୂତନ ନାମ ଲେଖାଇଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।



ସ୍ୱାଗତ ଉତ୍ସବରେ ମଞ୍ଚାସୀନ ଅତିଥି ।

## ପଦ୍ମାବତୀ ଡାକ୍ତରଖାନାରେ କେନ୍ଦ୍ରୀୟ ଟିମ୍



ପଦ୍ମାବତୀ ସ୍ୱାସ୍ଥ୍ୟକେନ୍ଦ୍ରରେ କେନ୍ଦ୍ରୀୟ ଟିମ୍‌କୁ ସ୍ୱାଗତ କରାଯାଉଛି ।

ଭାପୁର,୧୮ (ଭରତ କୁମାର ବେହେରା)

ନୟାଗଡ଼ ଜିଲା ଭାପୁର ବ୍ଲକ ପଦ୍ମାବତୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ କେନ୍ଦ୍ର ସରକାରଙ୍କ ନ୍ୟାଶନାଲ କ୍ୱାଲିଟି ଆସ୍ୟୁରାନ୍ସ ପ୍ରକଳ୍ପ ପୁରସ୍କାର ପାଇବା ପାଇଁ ସୁପାରିଶ କରାଯାଇଛି। ଏହି ପ୍ରକଳ୍ପ ନିମନ୍ତେ ପଦ୍ମାବତୀ ଏକମାତ୍ର ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ଜିଲାରେ ମନୋନୀତ ହୋଇଛି। ଜିଲା ଏବଂ ରାଜ୍ୟସ୍ତରୀୟ କମିଟି ଏହାକୁ ଯାଞ୍ଚ କରିବା ଉପରେ ଜାତୀୟସ୍ତରକୁ ସୁପାରିଶ କରିଥିଲେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପୂର୍ବାହ୍ନରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ ସୁପାରିଶ କ୍ରମେ ପଦ୍ମାବତୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ୨ଜଣିଆ ଉଚ୍ଚ ପ୍ରତିନିଧି ମଣ୍ଡଳୀ ପରିଦର୍ଶନରେ ଆସିଥିଲେ। ସେମାନେ ହେଲେ ଆନ୍ଧ୍ରପ୍ରଦେଶର ଡା. ଏସ.ଭି .ଆର.କୁମାରୀ , ବିହାରର ଡ.ନିଶାନ୍ତ କୁମାର । ତାଙ୍କ ସହିତ ଓଡ଼ିଶାର ଡ.ମନୋରଞ୍ଜନ ମହାପାତ୍ର ସମସ୍ତ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଛନ୍ତି । ଡାକ୍ତରଖାନାର ରୋଗୀ ସେବାର ଗୁଣାତ୍ମକମାନ ସମେତ ବର୍ହି ବିଭାଗ, ପରୀକ୍ଷାଗାର, ପ୍ରଶାସନିକ କାର୍ଯ୍ୟ ସମେତ ଅନ୍ୟ କାର୍ଯ୍ୟକ୍ରମକୁ ଟିମ୍‌ର ସଦସ୍ୟମାନେ ପ୍ରତ୍ୟକ୍ଷ ଭାବେ ତଦାରଖ କରିଥିଲେ। ଦୁଇଦିନିଆ ଗସ୍ତ ପରେ ଏହି ଜାତୀୟ ପ୍ରତିନିଧି ମଣ୍ଡଳୀ ଦାରା ପଦ୍ମାବତୀ ଡାକ୍ତରଖାନା ଯଦି ସମ୍ପୃକ୍ତ ପ୍ରକଳ୍ପ ନିମନ୍ତେ ମନୋନୀତ ହୁଏ, ତେବେ ପ୍ରତିବର୍ଷ ୨ଲକ୍ଷ ଟଙ୍କା କରି ୩ ବର୍ଷ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଲାଭ କରିବ ବୋଲି ସୂଚନା ମିଳିଛି। ଏ ସଂକ୍ରାନ୍ତରେ କେନ୍ଦ୍ରୀୟ ଟିମ୍‌ର ଡ. ଆର. କୁମାରୀଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଓଡ଼ିଶାର ଅନେକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ବୁଲିଛୁ ହେଲେ ଏହି ଡାକ୍ତରଖାନାର ସ୍ୱଚ୍ଛ ପରିବେଶ, ରୋଗୀ ସେବା , ବ୍ୟବହାର ଆମେ କେଉଁଠି ଦେଖିନାହୁଁ। ଏହି ଡାକ୍ତରଖାନାର ଡାକ୍ତରଙ୍କ ପାଇଁ ଏହା ସମ୍ଭବପର ହୋଇଛି । ଏହି ଡାକ୍ତରଖାନାର ଉଦାହରଣ ଆମେ ଯେଉଁ ଡାକ୍ତରଖାନାକୁ ଯିବୁ ନିଶ୍ଚିତ କହିବୁ।

ଡାକ୍ତରଖାନାର ମୁଖ୍ୟ ଡାକ୍ତର ପ୍ରଦୀପ କୁମାର ପାଇକରାୟ, ଡ. ଫଣୀଭୂଷଣ ପଟ୍ଟନାୟକ, ଡ.ଅରୁଣିମା ଦାଶ, ସନ୍ତୋଷ କୁମାର ମହାପାତ୍ର, କିଶୋର ଚନ୍ଦ୍ର ମହାପାତ୍ର, ମନୋଜ ମହାପାତ୍ର,ଶୁଭାଶିଷ ସାଥୁଆ, ଜିଲା ପ୍ରୋଗ୍ରାମ ମ୍ୟାନେଜର ବିଶ୍ୱ ରଞ୍ଜନ ରଥ, ମନୋରଞ୍ଜନ ମହାପାତ୍ର, ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ସ୍ଥାନୀୟ ସରପଞ୍ଚ ଅଜୟ କୁମାର ମଲ୍ଲିକ, ଫାର୍ମାସିଷ୍ଟ ବିଜୟ କୁମାର ସାହୁ, ଆଶାଲତା ମହାରଣା, ନର୍ସ ମମତା ମଞ୍ଜରୀ ପୃଷ୍ଟି, ସ୍ୱାସ୍ଥ୍ୟ ପରିଦର୍ଶକ ନାରାୟଣ ଶୁକ୍ଳ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ରୀୟ ଟିମ୍‌କୁ ସ୍ୱାଗତ କରିଥିଲେ ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅମର



@ ଶିବପ୍ରସାଦ



@ ସିଦ୍ଧାନ୍ତ



@ ମାନସ



@ ଲକ୍ଷ୍ମୀପ୍ରିୟା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ସ୍ମାରକପତ୍ର

ନୟାଗଡ଼,୧୮ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ଓସ୍‌ମା ସଂଘ ପକ୍ଷରୁ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସଂଯୋଜକ (ଏମ୍‌ସି) ଓ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ଏପିଓ) ମାନେ ମିଳିତ ହୋଇ ପଞ୍ଚାୟତିରାଜ ଓ ପାନୀୟ ଜଳ ପ୍ରମୁଖ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ମଙ୍ଗଳବାର ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଜିଲାରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୧୨ ବର୍ଷ ଧରି କାର୍ଯ୍ୟ କରି ଆସୁଥିବା ଏମ୍‌ସି ଓ ଏପିଓମାନଙ୍କ ଭବିଷ୍ୟତ ଅନ୍ଧକାରରେ ରହିଛି । ସେମାନଙ୍କ ଚାକିରୀ ସ୍ଥାୟିତ୍ୱ ପାଇଁ ସରକାର ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ ବଢ଼ି ଚାଲିଛି । ୨୪ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ୨୫ ତାରିଖରେ ଭୁବନେଶ୍ୱରରେ ଆନ୍ଦୋଳନ ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏମ୍‌ସି ମିତାଲି ଜେନା, ଏପିଓ ମିଟନ ମହାପାତ୍ର, ବିଭୂ ପ୍ରସାଦ ସାଥୁଆ ପ୍ରମୁଖ ଜିଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ।

## ଫଂତେଗଡ଼ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କୁ ଭାପୁର ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱ

ଭାପୁର,୧୮ (ଭରତ କୁମାର ବେହେରା )



ଶଙ୍କର୍ଷଣ ଷଡ଼ଙ୍ଗୀ

ରାଜ୍ୟ ସରକାର ଓ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ନଂ. ୧୮୪୦୯ ଅନୁଯାୟୀ ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ଫଂତେଗଡ଼ ହାଇସ୍କୁଲର ପ୍ରଧାନଶିକ୍ଷକ ଶଙ୍କର୍ଷଣ ଷଡ଼ଙ୍ଗୀଙ୍କୁ ଭାପୁର ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱ ମିଳିଛି। ପ୍ରଧାନଶିକ୍ଷକ ଷଡ଼ଙ୍ଗୀ ଭାପୁର ଅଞ୍ଚଳରେ ଜଣେ ସୁନାମଧନ୍ୟ ଶିକ୍ଷକ ଭାବେ ପରିଚିତ। ସେ ଫଂତେଗଡ଼ ହାଇସ୍କୁଲରେ ୩୭ବର୍ଷ ଧରି ଶିକ୍ଷକତା କରି ଆସୁଛନ୍ତି। ସେ ପ୍ରଥମେ କାର୍ଯ୍ୟକାରୀ ଶିକ୍ଷକ ଓ ପରେ ସେହି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ବହନ କରୁ ଆସୁଛନ୍ତି। ଷଡ଼ଙ୍ଗୀଙ୍କୁ ବିଇଓ ଦାୟିତ୍ୱ ମିଳିବା ପରେ ଭାପୁର ଅଞ୍ଚଳର ବିଭିନ୍ନ ଶିକ୍ଷକ ସଙ୍ଗଠନ, ଶିକ୍ଷାନୁଷ୍ଠାନ, ବୃଦ୍ଧିଜୀବିମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଭାପୁର ବ୍ଲକ ଅନ୍ତର୍ଗତ ବିଜିପୁର ରାମଚନ୍ଦ୍ର ସାହୁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟୁଲତା ପଟ୍ଟନାୟକଙ୍କୁ ପଦୋନ୍ନତି ଦିଆଯାଉ ଖୋର୍ଦ୍ଧା ଜିଲା ବେଗୁନିଆ ଗୋପବନ୍ଧୁ ହାଇସ୍କୁଲରେ ଅବସ୍ଥାପିତ କରାଯାଇଥିବା ସୂଚନା ମିଳିଛି।

## ୪ ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ ବଣ୍ଟନ

ଶରଣକୂଳ,୧୮ (ଦୀପକ କର)

ମଙ୍ଗଳବାର ଶରଣକୂଳ ପୂର୍ତ୍ତ ଡାକବଙ୍ଗଳାଠାରେ ରଣପୁର ନିର୍ବାଚନ ମଣ୍ଡଳୀ ଓଡ଼ଗାଁ ବ୍ଲକ ଅନ୍ତର୍ଗତ ୧୮ ପଞ୍ଚାୟତର ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ଏବଂ ମଧୁବାବୁ ପେନସନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ରଣପୁର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସତ୍ୟନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୪ ଟ୍ରାଇସାଇକେଲ ଓ ୯୦ ଜଣଙ୍କୁ ଭତ୍ତା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ୩ନଂ.ଜୋନ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ଶରଣକୂଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ଗୋଡିସାହି ସରପଞ୍ଚ ଦିପ୍ତୀରଞ୍ଜନ ପରିଡ଼ା, ଗୋଲଗାଁ ସରପଞ୍ଚ ହଜାରୀ ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ ।




ବିଧାୟକ ଜଣେ ଭିନ୍ନକ୍ଷମ ବାଳିକାଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରୁଛନ୍ତି ।

## ହାଇସ୍କୁଲ ନିକଟ ପାନ ଦୋକାନରେ ମଦ କାରବାର

ଭାପୁର,୧୮ (ଭରତ କୁମାର ବେହେରା )

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ଆଦର୍ଶ ଗ୍ରାମ ପଞ୍ଚାୟତ କରବରର ଏକ ହାଇସ୍କୁଲ ନିକଟ ପାନ ଦୋକାନରେ ଚୋରାରେ ନିଶା କାରବାରକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । କରବର ପଞ୍ଚାୟତର ଡ୍ରାଇଭର ମହାସଂଘର ଅଭିଯୋଗ ଅନୁଯାୟୀ ଦୀର୍ଘଦିନ ଧରି କରବର ପଞ୍ଚାୟତରେ ଚୋରାରେ ପାନ ଦୋକାନରେ ମଦ ବିକ୍ରି ହେଉଛି। କରବର ଆଦର୍ଶ ଗ୍ରାମ ପଞ୍ଚାୟତରେ ଅନେକ ଶିକ୍ଷିତ, ବୃଦ୍ଧିଜୀବି ବସବାସ କରନ୍ତି। କରବର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ହାଇସ୍କୁଲ ଅଟେ। ସେହି ବିଦ୍ୟାଳୟ ପାଚେରୀ ନିକଟରେ ଥିବା ପାନ ଦୋକାନରେ ମଦ ଦୀର୍ଘ ଦିନ ଧରି ଅବାଧରେ ବିକ୍ରି ହେଉଛି। ଫଳରେ ଏହାର ଖରାପ ପ୍ରଭାବ ଛାତ୍ରୀଛାତ୍ରଙ୍କ ଉପରେ ପଡୁଛି। ନିଶାକାରବାର ଯୋଗୁ ଗ୍ରାମର ଯୁବଗୋଷ୍ଠୀ ନିଶା ସେବନ କରି ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ କରୁଛନ୍ତି। ମଦ୍ୟପାନ କରି ଅନେକ ବ୍ୟକ୍ତି ବିଭିନ୍ନ ରୋଗବ୍ୟାଧିରେ ଶିକାର ହୋଇଛନ୍ତି। ଏଥିପାଇଁ ପଞ୍ଚାୟତର ଆଇନ ଶୃଙ୍ଖଳା ବିଗୁଡୁଛି। ବିଦ୍ୟାଳୟରେ ପାଠପଢ଼ା ଚାଲୁଥିବା ସମୟରେ ଅସାମାଜିକ ଯୁବକ ସେଠାରେ ମଦ୍ୟପାନ କରି ଖରାପ ବ୍ୟବହାର ପ୍ରଦର୍ଶନ କରିଥାନ୍ତି। ଗ୍ରାମର ଲୋକମାନେ ଏହା ଦେଖୁଥିଲେ ମଧ୍ୟ ଭୟରେ କେହି ପ୍ରତିବାଦ କରି ନ ଥାନ୍ତି। ଏହାକୁ ନେଇ ପଞ୍ଚାୟତବାସୀଙ୍କ ମୁଣ୍ଡ ବ୍ୟଥାର କାରଣ ହୋଇଛି। ମଙ୍ଗଳବାର କରବର ପଞ୍ଚାୟତର ଡ୍ରାଇଭର ମହାସଂଘର ସଭାପତି ସଞ୍ଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସଂଘର ସମ୍ପାଦକ ଭୀମସେନ ସ୍ୱାଇଁ ସମେତ ୨୫ରୁ ଊର୍ଦ୍ଧ୍ୱ ଡ୍ରାଇଭର ମହାସଂଘର ସଦସ୍ୟ ଉପସ୍ଥିତ ରହିଥିଲେ। କରବର ପଞ୍ଚାୟତରୁ ଚୋରା ମଦ କାରବାର ତୁରନ୍ତ ବନ୍ଦ କରିବା ପାଇଁ ସ୍ଥାନୀୟ ସରପଞ୍ଚ, ଅବକାରୀ ବିଭାଗ ଓ ଫଂତେଗଡ ଥାନାଧିକାରୀଙ୍କୁ ଏକ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ଯଦି ୭ ଦିନ ଭିତରେ ଏହି ଚୋରା ମଦ କାରବାର ବନ୍ଦ ନ ହୁଏ ଡ୍ରାଇଭର ମହାସଂଘ ତରଫରୁ ଆନ୍ଦୋଳନପନ୍ଥା ଗ୍ରହଣ କରାଯିବ ବୋଲି ମହାସଂଘର ସଦସ୍ୟ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି ।



ଡ୍ରାଇଭର ମହାସଂଘ ପକ୍ଷରୁ ଦାବିପତ୍ର ଦେବାକୁ ଆସିଥିବା ସଦସ୍ୟମାନେ।

### ତାତିଲେ ଡ୍ରାଇଭର ମହାସଂଘ କର୍ମକର୍ତ୍ତା

